## ସଂକ୍ଷେପରେ

### ଅବ୍ୟବସ୍ଥାରେ କୁପାରୀ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର

ଖଇରା, ୩।୧୦(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ପ୍ରାଣୀ ସହାୟକ କେନ୍ଦ୍ରରେ ପାଚେରି ନ ଥିବାରୁ ଦୈନିକ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଫଳରେ ଗୋରୁ ନେଇ ଆସୁଥିବା ଗୋପାଳକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପାଚେରି ନିର୍ମାଣ ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବର୍ତ୍ତମାନର ପ୍ରାଣୀଧନ ନିରୀକ୍ଷକ ସୁଧାକର ନାୟକ କହିଛନ୍ତି, ପାଚେରି ନ ଥିବାରୁ କାର୍ଯ୍ୟ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛି। ଗୋପାଳକ ଏବଂ ଗୋରୁମାନଙ୍କ ହିତକୁ ଦୃଷ୍ଟିରେ ରଖି ପାଚେରି ଏବଂ ଗେଟ ନିର୍ମାଣ ବ୍ୟବସ୍ଥା ପାଇଁ କୁପାରୀ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

### ପ୍ରତିମୂର୍ତ୍ତିର ରକ୍ଷଣାବେକ୍ଷଣ ପାଇଁ ଉଠିଲା ଦାବି

ବସ୍ତା,୩।୧୦(ଡି.ଏନ.ଏ.)- ବସ୍ତା ବ୍ଲକ ଛାତ୍ର ବିଜେଡି ପକ୍ଷରୁ ଶନିବାର ଦାଣ୍ଡିଠାରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ଛାତ୍ର ବିଜେଡି ସଭାପତି ହରେକୃଷ୍ଣ ପ୍ରଧାନଙ୍କ ନେତୃତ୍ୱରେ ଦଳର ସକ୍ରିୟ କର୍ମକର୍ତ୍ତାମାନେ ଦାଣ୍ଡି ସ୍ଥିତ ଡ. ଆମ୍ବେଦକର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଉପସ୍ଥିତ ହୋଇ ସେଠାରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀ ଓ ଲେଲିନଙ୍କ ପ୍ରତିମୂର୍ତ୍ତିକୁ ସଫା କରିଥିଲେ। ଏଥିସହ ପ୍ରତିମୂର୍ତ୍ତି ଦୁଇଟି ରଙ୍ଗହୀନ ହୋଇ ଭାଙ୍ଗିବାକୁ ବସିଥିବା ବେଳେ, ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ଦାବି ଉଠିଥିଲା। ବ୍ଲକ ପ୍ରଶାସନ ନିକଟରେ ଏହି ଦାବି ଉପସ୍ଥାପନ କରାଯିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ଛାତ୍ର ବିଜେଡ଼ି କର୍ମକର୍ତ୍ତା ଶୁଭାଶିଷ ବାରିକ, ଶଶୀକାନ୍ତ ମଣ୍ଡଳ, ଅଶୋକ ଭୂୟାଁ, ସଞ୍ଜୀବ ବିଶ୍ୱାଳ, ଅଭିନାଶ ସେଠୀ, ତରଣୀ ବେହେରା, କିଶୋର ସାମଲ, ଧିରେନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨୨ ରକ୍ତଦାନ ଶିବିର ସଙ୍ଗଠକଙ୍କୁ ସମ୍ବର୍ଦ୍ଧନା

ସଜନାଗଡ଼,୩।୧୦(ଡି.ଏନ.ଏ.)- ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ମେଡିକାଲ ପରିସରରେ ଜାତୀୟ ରକ୍ତଦାନ ଦିବସ ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଶିବିରକୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ମୋଟ୍ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ପରିସରରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା ଉଦ୍‌ଘାଟନ କରିଥିଲେ। ଏସ୍‌ଡିଏମ୍‌ଓ ଡା. ଅଜୟକୃଷ୍ଣ ସାମଲ ପୌରୋହିତ୍ୟ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାତା ସଂଘ ସଭାପତି ଗୋପାଳ ମହାପାତ୍ର, ସମ୍ପାଦକ ବିଜୟ ପାତ୍ର, ରକ୍ତଭଣ୍ଡାର ଅଧିକାରୀ ଡା. ତ୍ରିନାଥ ପାଲ, ଉପଦେଷ୍ଟା ରବି ରାଉତ, ଟେକ୍ନିସିଆନ ସରୋଜ ପସା, ପୂର୍ବତନ ବରିଷ୍ଠ ଟେକ୍ନିସିଆନ ମାୟାଧର ମହାନ୍ତି, ଗଙ୍ଗାଧର ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରକ୍ତଦାନ ଶିବିର କରୁଥିବା ୨୨ଟି ସଙ୍ଗଠକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଦୁର୍ଦ୍ଦିନରେ ୧୦ଲକ୍ଷ ମତ୍ସ୍ୟଜୀବୀ

- ସଙ୍କଟରେ ମତ୍ସ୍ୟ ଉତ୍ପାଦକ ଶିଳ୍ପ
- ସହାୟତା ନ ମିଳିଲେ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର ଅଫିସ,୩।୧୦

ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ବଳରାମଗଡ଼ିଠାରେ ରବିବାର ଅଖିଳ ଉତ୍କଳ ଓଡ଼ିଶା ମତ୍ସ୍ୟଉତ୍ପାଦକ ମହାସଂଘର ଏକ ଜରୁରୀ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ମହାସଂଘର ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ ସଭାପତିତ୍ୱ କରି ମତ୍ସ୍ୟଜୀବୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଉପକୂଳରେ ଥିବା ସମସ୍ତ ଆଞ୍ଚଳିକ ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାସଂଘର ଉପସଭାପତି ନରେନ୍ଦ୍ର ବିହାରୀ ଦାସ ଯୋଗଦେଇ ରାଜ୍ୟର ୧୦ଲକ୍ଷ ମତ୍ସ୍ୟଜୀବୀ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ମହାମାରୀ କରୋନାରେ ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି। ବ୍ୟବସାୟର ସମସ୍ତ ଆନୁସଙ୍ଗିକ ଜିନିଷ ଡିଜେଲ, ଜାଲ, ବରଫ ଓ ଅନ୍ୟାନ୍ୟ ଯନ୍ତ୍ରାଂଶର ଅହେତୁକ ମୂଲ୍ୟ ବୃଦ୍ଧି ପାଇଛି। ସରକାରଙ୍କ ବିନା



ଅଖିଳ ଉତ୍କଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘର କାର୍ଯ୍ୟକାରିଣୀ ବୈଠକ।

ସହାୟତାରେ ବ୍ୟବସାୟ ଚଳାଇବା ଏଭଳି ପରିସ୍ଥିତିରେ ସମ୍ଭବ ନୁହେଁ। ଏ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ରସରକାରଙ୍କୁ ବିଭିନ୍ନ ସମୟରେ ଲିଖିତ ଜଣାଇବା ସତ୍ତ୍ୱେ ସରକାରଙ୍କ ଉକ୍ତ ଶିଳ୍ପ ପ୍ରତି ବୈମାତୃକ ମନୋଭାବ ଯୋଗୁ ବ୍ୟବସାୟ ଦିନକୁ ଦିନ ରୁଗ୍‌ଣ ଅବସ୍ଥାରେ ରସାତଳକୁ ଯାଉଛି। ସେହିପରି ଗଭୀର ସମୁଦ୍ର ଭିତରୁ ଅନ୍ୟ ରାଜ୍ୟର ମତ୍ସ୍ୟଜୀବୀମାନେ ଆସି ମାଛ ଧରୁଛନ୍ତି। କିନ୍ତୁ ଓଡ଼ିଶା ମତ୍ସ୍ୟଜୀବୀଙ୍କଠାରେ ଭିତ୍ତିଭୂମି ଅଭାବ ଥିବାରୁ ଗଭୀର ସମୁଦ୍ରରେ ମତ୍ସ୍ୟ ଉତ୍ପାଦନ ସମ୍ଭବ ହୋଇପାରୁନି। ଏହାକୁ ସରକାର ଦୃଷ୍ଟି ଦେଲେ ରାଜ୍ୟର ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି ପ୍ରକାଶ କରିଥିଲେ। ସେହିପରି ମହାସଂଘର ସମ୍ପାଦକ ସୁମନ୍ତ କୁମାର ବିଶ୍ୱାଳ ଯୋଗଦେଇ ଉକ୍ତ ବ୍ୟବସାୟରେ ପ୍ରାୟ ସମସ୍ତ ସାମୁଦ୍ରିକ ଯାନରେ ଡିଜେଲ୍ ବ୍ୟବହୃତ ହୋଇଥାଏ। ଭାରତବର୍ଷର ସମୁଦ୍ରତଟ ରାଜ୍ୟଗୁଡ଼ିକ ସେମାନଙ୍କର ମତ୍ସ୍ୟଜୀବୀଙ୍କ ପାଇଁ ପୂର୍ବରୁ ଡିଜେଲ୍‌ରୁ ଭାଟ୍ ରିହାତି ଦେଇଥିବା ସ୍ଥଳେ ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ର ସରକାର ଏହା ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ଏହି ବ୍ୟବସାୟ ଧରାଶାୟୀ ହୋଇଛି। ଏହି ବ୍ୟବସାୟରୁ ସରକାର ୮ଶହ କୋଟିରୁ ଊର୍ଦ୍ଧ୍ୱ ରାଜସ୍ୱ ପାଉଛନ୍ତି। ବର୍ତ୍ତମାନ ଡିଜେଲ ରେଟ୍ ୧୦୦ ଟଙ୍କା ଛୁଇଁଛି। ସରକାର ଏହା ଉପରେ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି କହିଥିଲେ। ସରକାରଙ୍କ ପ୍ରଣୀତ କଇଁଛ କଟକଣା ମାନି ସମସ୍ତ ଟ୍ରଲର ମାଛ ଧରୁଥିବା ବେଳେ ବନବିଭାଗ ଦ୍ୱାରା ବିଭିନ୍ନ ସମୟରେ ନିର୍ଯାତିତ ହେଉଛନ୍ତି। ଯାହା ଶିଳ୍ପରେ ଏକ କଳଙ୍କ ସାଜିଛି। ମୁହାଣ ପୋତି ଯିବାରୁ ବାରମ୍ବାର ଦୁର୍ଘଟଣାରେ ସମ୍ମୁଖୀନ ହେଉଛନ୍ତି। ଭୌଗୋଳିକ ଦୃଷ୍ଟିକୋଣରୁ ବାରୁଣୀ ମୁହାଣ ସୁରକ୍ଷିତ ହୋଇଥିବାରୁ ଉକ୍ତ ସ୍ଥାନ ଦେଇ ଏକ ଚଳାଚଳ ବାଟ ରଖିବା ପାଇଁ ଦାବି କରିଛନ୍ତି। ଉକ୍ତ ଦାବି ଉପରେ ସରକାର ଆଲୋଚନା ନ କଲେ ଆସନ୍ତା ଶୀତକାଳୀନ ବିଧାନସଭା ଅଧିବେଶନ ପୂର୍ବରୁ ଓଡ଼ିଶାର ସମସ୍ତ ମତ୍ସ୍ୟଜୀବୀ ନିଜର ଜୀବନଜୀବିକା ବଞ୍ଚାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# 'ଗ୍ରାମାଞ୍ଚଳ କଳାକାରଙ୍କ ଉତ୍ସାହ କମିଯାଉଛି'



କଳାକାର ସମ୍ମାନ ସମାରୋହରେ ମଞ୍ଚାସୀନ ଅତିଥି।

**କଳାକାର ସମ୍ମାନ ସମାରୋହ**

ଲଙ୍ଗଳେଶ୍ୱର,୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ନାଇକୁଡ଼ି ପଞ୍ଚାୟତର ବାଳିଆପାଟି ଅଖଡ଼ାଶାଳ ସମ୍ମିଳନୀ କକ୍ଷରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କଳାକାର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଆବାହକ ଖଗେନ୍ଦ୍ର କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ସୁନାମଧନ୍ୟ ଯାତ୍ରା କଳାକାର ଦୈତାରି ପଣ୍ଡା ଯୋଗଦେଇ ସରକାରଙ୍କର ପ୍ରୋତ୍ସାହନ ଅଭାବରୁ ଗ୍ରାମାଞ୍ଚଳ କଳାକାରଙ୍କର କଳା ପ୍ରଦର୍ଶନରେ ଉତ୍ସାହ କମିଯାଉଛି। ତେଣୁ ସରକାର କଳାକାରଙ୍କ ପ୍ରତି ଧ୍ୟାନ ଦେବାକୁ ବକ୍ତବ୍ୟରେ କହିଥିଲେ। ଉ ଦ ଘ । ଟ କ ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି,ସମ୍ମାନିତ ଅତିଥି ସମାଜସେବୀ ଶିବଶଙ୍କର ପ୍ରଧାନ, ବିଜୟ କୁମାର ଜେନା, ପ୍ରଫୁଲ୍ଲ କୁମାର ଘୋଷ, ରାଧାକୃଷ୍ଣ ବେହେରା, ରବୀନ୍ଦ୍ର କୁମାର ଦେ, ଦୀପକ ପ୍ରଧାନ, ଭାଗବତ ମହାନ୍ତି ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଦୈତାରି ପଣ୍ଡାଙ୍କ ସମେତ ୨୧ଜଣ କଳାକାରଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ମାନସ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ପରିଷଦର ସଦସ୍ୟ ସୁଶାନ୍ତ ଜେନା, ରାକେଶ ପାତ୍ର, ଚନ୍ଦନ ରାଉଳ, ବଂଶୀଧର ଭୂୟାଁ, ରାଧାଶ୍ୟାମ ରାଉତ, ସୁରେଶ ଦେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜେଡିରେ ମିଶିଲେ ଅନ୍ୟ ଦଳର ନେତା,କର୍ମୀ


ମିଶ୍ରଣ ସମାବେଶରେ ମଞ୍ଚାସୀନ ବିଧାୟକ ପର୍ଶୁରାମ ଧଡ଼ା ଓ ଅନ୍ୟମାନେ।

**ସାଉଦ୍ରୁରେ ମିଶ୍ରଣ ପର୍ବ**

ବାହାନଗା,୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାହାନଗା ବ୍ଲକ ସାଉଦ୍ରୁ ପଞ୍ଚାୟତରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଂଗ୍ରେସ ଓ ଭାଜପାର କେତେକ କର୍ମୀ ଓ ନେତା ବିଜେଡିରେ ସାମିଲ ହୋଇଥିଲେ। ବ୍ଲକ ବିଜେଡି ସଭାପତି ଅଜୟ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସମାବେଶରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା, ଅନ୍ୟତମ ଅତିଥି ଜିଲା ଉପସଭାପତି ପ୍ରଦୀପ ଜେନା, ବରିଷ୍ଠ ନେତା ଗିରିଶ୍ଚନ୍ଦ୍ର ଦାଶ, ବ୍ଲକ ବିଜେଡି ହରିଜନ ମୋର୍ଚ୍ଚାର ସଭାପତି ନୀଳାମ୍ବର ମହାଳିକ, କୃଷକ ମୋର୍ଚ୍ଚାର ସଭାପତି ବେଣୁଧର ଜେନା, ଯୁବ ମୋର୍ଚ୍ଚା ସଭାପତି ଲକ୍ଷ୍ମୀକାନ୍ତ ଶିଅଳ, ମହିଳା ମୋର୍ଚ୍ଚା ସଭାପତି ସବିତା ଅଗସ୍ତି, ସାଉଦ୍ରୁ ପଞ୍ଚାୟତର ସମିତି ସଭ୍ୟା ମମତା ପଣ୍ଡା, ବିଜୟ ମହାପାତ୍ର ଓ ଅଶ୍ୱିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବାହାନଗା ବ୍ଲକ କଂଗ୍ରେସ ସଭାପତି କମଳାକାନ୍ତ ପଣ୍ଡା ଦଳ ଛାଡ଼ି ନିଜ ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ମିଶିଥିଲେ। ସେହିପରି ସାଉଦ୍ରୁ ପଞ୍ଚାୟତର ସରପଞ୍ଚ ପୁଷ୍ପଲତା ପଣ୍ଡା, ବୀରଭଦ୍ର ଯେନା, ବରିଷ୍ଠ ଭାଜପା ନେତା ବ୍ରଜେନ୍ଦ୍ର ପଣ୍ଡା, ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ତଥା କଂଗ୍ରେସ ନେତା ଗଣେଶ୍ୱର ତ୍ରୀପାଠୀଙ୍କ ସମେତ ବାହାନଗା, ସାଉଦ୍ରୁ, ଦାଣ୍ଡହରିପୁର, କୁଚିଆକୋଇଲି,ଅଞ୍ଜି ଓ କୁରୁଡ଼ା ପଞ୍ଚାୟତର ଭାଜପା ଓ କଂଗ୍ରେସ ଦଳର ବହୁ ସମର୍ଥକ କର୍ମୀ ବିଧାୟକ ଧଡାଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିଲେ।

# ସାପ କାମୁଡ଼ାରେ ଚାଷୀଙ୍କ ଜୀବନ ଗଲା

ରୂପସା,୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ଜହତା ଗ୍ରାମର ଜଣେ ଚାଷୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ସେ ହେଲେ ମୋହନ ସୁନ୍ଦର ପଲେଇ(୬୫)। ସ୍ତ୍ରୀଙ୍କ ସହ ଶନିବାର ଚାଷ ଜମିକୁ ସାର ପକାଇବାକୁ ଯାଇଥିଲା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡ଼ିକାଲ ନେବା ରାସ୍ତାରେ ସୋରଠାରେ ତାଙ୍କର ମତ୍ୟୁ ଘଟିଥିଲା। ରବିବାର ସୋର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ମୃତ ଚାଷୀଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା ଶିଳାନ୍ୟାସ କଲେ ବିଧାୟକ

ବାଲେଶ୍ୱର ଅଫିସ,୩।୧୦

ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ ବିଭିନ୍ନ ୱାର୍ଡ଼ର ୫.୫ କିମି ବିଶିଷ୍ଟ ୬ ଗୋଟି ପ୍ରମୁଖ ରାସ୍ତାକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଛି। ଉକ୍ତ ରାସ୍ତାର ଉନ୍ନତିକରଣ ପାଇଁ ରାଜ୍ୟସରକାର ୧୫ କୋଟି ଟଙ୍କା ବ୍ୟୟ କରିଛନ୍ତି। ଫଳରେ ଲୋକମାନଙ୍କର ଗମନାଗମନରେ ସୁଧାର ଆସିବ। ଏହି ରାସ୍ତାର ପୁନଃରୁଦ୍ଧାର ନିମନ୍ତେ ରବିବାର ସଦର ବିଧାୟକ ସ୍ୱରୂପ କୁମାର ଦାସ ବିଭିନ୍ନ ସ୍ଥାନରେ ଶିଳାନ୍ୟାସ କରିଛନ୍ତି।

ଉକ୍ତ ରାସ୍ତାଗୁଡ଼ିକ ମାନସିଂବଜାର, ବଡ଼ଖୁଆ, ବଂଶଲଘାଟ ଛକ, ବଡ଼ପୋଲ ଛକ, ଗୋଳାପୋଖରୀ ଛକ ଏବଂ ଟାଉନ ହଲ ଛକରେ ମୁନିସିପାଲିଟିର ଯୁବ, ମହିଳା ଏବଂ ଦଳୀୟ କର୍ମୀଙ୍କ ସହ ବିଧାୟକ ଦାସ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଟାଉନ ସଭାପତି ସନତ ଦାସ, ପୂର୍ବତନ ପୌର ଉପ ନଗରପାଳ ମନୋଜ ରାଉତ, ଟାଉନ ମହିଳା ସଭାପତି ମିନା ମହାନ୍ତି, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡ଼ି ପ୍ରମୁଖ ଉପସ୍ଥିତ ଥିଲେ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ସ୍ୱରୂପ କୁମାର ଦାସ ଓ ଅନ୍ୟମାନେ।

# ରଟିଣା ହାଇସ୍କୁଲରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ଖଇରା, ୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ରଟିଣାସ୍ଥିତ ପ୍ରହ୍ଲାଦ ପ୍ରସାଦ ହାଇସ୍କୁଲରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହ ହିନ୍ଦୀ ଶିକ୍ଷକଙ୍କ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଥମେ ସୁଭାଷ ବୋଷ, ଗୋପବନ୍ଧୁ, ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଏବଂ ବିଦ୍ୟାଦାୟିନୀ ସରସ୍ୱତୀ ଓ ସିଦ୍ଧିଦାତା ଗଣେଶଙ୍କ ମୂର୍ତ୍ତି ଉନ୍ମୋଚନ କରାଯାଇଥିଲା। ପରେ ହିନ୍ଦୀ ଶିକ୍ଷକ ସୁଦର୍ଶନ ସାହୁଙ୍କ ପାଇଁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପ୍ରଧାନଶିକ୍ଷକ ପ୍ରଭାସ ରଞ୍ଜନ ନାୟକ ଅଧ୍ୟକ୍ଷତା କରିଥିଲେ। ଖଇରା ବିଡିଓ ପର୍ଶୁରାମ ପଣ୍ଡା ମୁଖ୍ୟଅତିଥି, ପ୍ରାକ୍ତନ ଶ୍ରୀମନ୍ଦିର ପ୍ରଶାସକ ପ୍ରସନ୍ନ କୁମାର ହୋତା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ବିଭିନ୍ନ ମହନୀୟ ଗୁଣ ଉପରେ ଆଲୋକପାତ କରିଥିଲେ। ହରେକୃଷ୍ଣ ବେହେରା, ଜିତେନ୍ଦ୍ର କୁମାର ବେହେରା, ସୁରେନ୍ଦ୍ର ବେହେରା, ବାଦଲ ଚନ୍ଦ୍ର ଦାସ, ଷଡ଼ାନନ ପାଣିଗ୍ରାହୀ, କୈଳାସ ଚନ୍ଦ୍ର ମିଶ୍ର, ରାଧାକାନ୍ତ ଦାଶ, ଗଣେଶ ପ୍ରସାଦ ପଣ୍ଡା, ଶଙ୍କର୍ଷଣ ମହାପାତ୍ର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ।

# ଗାନ୍ଧୀ ଜୟନ୍ତୀରେ ସ୍ୱତନ୍ତ୍ର ଗ୍ରାମସଭା

ରସାଲପୁର,୩।୧୦(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ସଠିକ୍ ରୂପାୟନ ପାଇଁ ଶନିବାର ଗାନ୍ଧୀ ଜୟନ୍ତୀ ଅବସରରେ ପଞ୍ଚାୟତସ୍ତରରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତରେ ସରପଞ୍ଚ ବିରୁପାକ୍ଷ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ସଙ୍ଗୀତା ସାହୁ, କୃଷି ବିଭାଗର ଗ୍ରାମସେବକ କାର୍ତ୍ତିକ ବେହେରା, ମୃର୍ତ୍ତିକା ସଂରକ୍ଷଣ ବିଭାଗର ଏସ୍‌ସିଇଡବ୍ଲ୍ୟୁ ଆଭା ରଞ୍ଜିତା ପୁହାଣ, ନାଏବ ସରପଞ୍ଚ ସଂଯୁକ୍ତା ଆଚାର୍ଯ୍ୟ, ଏସ୍‌ଏଚ୍‌ଜି ଗ୍ରୁପ୍‌ର ଏମ୍‌ବିକେ, ସିଆର୍‌ସି, କୃଷିମିତ୍ର, ପ୍ରାଣୀମିତ୍ରଙ୍କ ସମେତ ସମସ୍ତ ୱାର୍ଡ଼ସଭ୍ୟାସଭ୍ୟ ଓ ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଉକ୍ତ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତେବେ ଉକ୍ତ ଯୋଜନାକୁ ସଠିକ୍ ରୂପାୟନ ଦେବା ପାଇଁ ପଞ୍ଚାୟତରେ ନିୟୋଜିତ ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଅନୁପସ୍ଥିତ ଥିବାରୁ ସରପଞ୍ଚଙ୍କ ସମେତ ଉପସ୍ଥିତ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ।

# ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ବାଲେଶ୍ୱର ଅଫିସ,୩।୧୦

ବାଲେଶ୍ୱର 'ଚନ୍ଦ୍ରଭାଗା'ର ମାନସିଂବଜାର କାର୍ଯ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ପୂର୍ଣ୍ଣଚନ୍ଦ୍ର ଜୀଙ୍କ ପ୍ରତିମୂର୍ତ୍ତିକୁ ପଦ୍ମଶ୍ରୀ ଡ. ତୁଳସୀ ମୁଣ୍ଡା ରବିବାର ଅନାବରଣ କରିଛନ୍ତି। ପୂଜ୍ୟପୂଜା ନ ରହିଲେ ଦେଶର ପ୍ରଭୁତ କ୍ଷତି ଘଟିବ। ପୂର୍ବଜଙ୍କୁ ମନେ ପକାଇବା ଆମର ପାରମ୍ପରିକ ସଂସ୍କାର। ଏହାର ଯଥାର୍ଥ ପଦକ୍ଷେପ 'ଚନ୍ଦ୍ରଭାଗା' ଗତ ୩୧ବର୍ଷ ଧରି ନେଇଆସିଛି। ଆଜି ପୂର୍ଣ୍ଣଚନ୍ଦ୍ରଜୀଙ୍କୁ ମନେପକାଇବା ପାଇଁ ତାଙ୍କର ପୁତ୍ର କବି ଶ୍ରୀଦେବ, ଚିତ୍ରଶିଳ୍ପୀ ଅଶୋକ କୁମାର ମହାନ୍ତି ଓ ଗୋଲକ ପାତ୍ରଙ୍କ ମହାନୁଭବତା ସ୍ମରଣୀୟ ବୋଲି ପଦ୍ମଶ୍ରୀ ଡ. ମୁଣ୍ଡା କହିଥିଲେ। ଆୟୋଜିତ ପ୍ରଥମ ସୋପାନର ଦେବକାନ୍ତ ଗଙ୍ଗାବାରଣ ଦାସ ଅଧିବେଶନକୁ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ୯୪ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀ ବ୍ରଜକିଶୋର ରାଉତ ଆଗାମୀ ପିଢ଼ିର ପିଲାମାନଙ୍କୁ ସଚେତନ କରାଇବା ସଙ୍ଗେସଙ୍ଗେ ସମଗ୍ର ବିଶ୍ୱ ତଥା ଭାରତବର୍ଷର ଅନିଚ୍ଛାକୃତ ବିଡ଼ମ୍ବନା ସମ୍ପର୍କରେ ଆଲୋକପାତ କରିଥିଲେ।



ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଓ ଅନ୍ୟମାନେ।

କାର୍ଯ୍ୟକ୍ରମର ଦ୍ୱିତୀୟ ସୋପାନରେ ସମାଜସେବୀ ତଥା 'ରେବତୀ'ର ସମ୍ପାଦିକା ସୁବାସିନୀ ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ କବି ପ୍ରଶାନ୍ତ ଦାସ, ଗାଳ୍ପିକ ଗଙ୍ଗାଧର ବିଶ୍ୱାଳ, ଅଞ୍ଜନ ଚାନ୍ଦ, ଡ. ହରିଶ୍ଚନ୍ଦ୍ର ବେହେରା, ଶ୍ରୀମତୀ ଯଶୋଧାରା ଦାସ, ସମାଜସେବୀ ଭାଗବତ ସାହୁ, ଆଇନଜୀବୀ ଅଶୋକ ସେନାପତି, ଉତ୍ପଳ ମହାନ୍ତି, ବରିଷ୍ଠ ଖବରଦାତା ରଞ୍ଜନ ବାଗ୍, ସମାଜସେବୀ ନିରଞ୍ଜନ ଖୁଣ୍ଟିଆ, ଅବନୀ ଜେନା, ଅଧ୍ୟାପକ ଆର୍ଯ୍ୟବ୍ରତ, ଅଧ୍ୟାପକ ଶଶିକାନ୍ତ ମହାନ୍ତି, ସୌମ୍ୟରଞ୍ଜନ ପ୍ରଧାନ, କବି ସୁନୀଲ୍ ପଣ୍ଡା, କବି ପ୍ରଶାନ୍ତ କୁମାର, ଗାଳ୍ପିକ ସଞ୍ଜୟ ପଣ୍ଡା, ସତ୍ୟବ୍ରତ ସେଠୀ ପ୍ରମୁଖ ପୂର୍ଣ୍ଣଚନ୍ଦ୍ରଙ୍କ ଜୀବନାବଳୀର କିଛି ଅଂଶ ରଖି ଆଗାମୀ କାଲିର ସମ୍ଭାବନାକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସମ୍ଭାଷଣ ବରିଷ୍ଠ ଖବରଦାତା ଶଶିରଞ୍ଜନ ମଲ୍ଲିକ୍ ରଖିଥିଲା ବେଳେ କବି ଓ ସମ୍ପାଦକ 'ଚନ୍ଦ୍ରଭାଗା' ଶ୍ରୀଦେବ ଶେଷକଥା ଶୁଣାଇଥିଲେ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାଲିଆପାଳ,୩।୧୦(ସ୍ୱ.ପ୍ର)

ଜାମକୁଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରବିବାର ଜଣେ ସ୍ୱାସ୍ଥ୍ୟ ସୁପରଭାଇଜର ସହିତ ଜଣେ ଆଟେଣ୍ଡାଣ୍ଟଙ୍କର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ସୁପରଭାଇଜର କାର୍ତ୍ତିକ ଚନ୍ଦ୍ର ସାହୁ ଏବଂ ଆଟେଣ୍ଡାଣ୍ଟ ନବ କୁମାର ବାରିକ ଦୁହେଁ ଦୀର୍ଘଦିନ ଧରି ଜାମକୁଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜ ନିଜର ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇ ଭିନ୍ନ ଭିନ୍ନ ସମୟରେ ଅବସର ଗ୍ରହଣ କରିଥିଲେ। ସଭାରେ ଡା. ସରୋଜିନୀ ପଣ୍ଡା, ଫାର୍ମାସିଷ୍ଟ ସଚ୍ଚିଦାନନ୍ଦ ଚନ୍ଦ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ସୁପଭାଇଜର ରାମନାଥ କର, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଶ୍ରୀମନ୍ତ ଦାସ, ମହିଳା ସ୍ୱାସ୍ଥ୍ୟ କର୍ମୀ ବସୁମତୀ ପାତ୍ର, ଛବିରଣି ସାହୁ, ସୁଚିତ୍ରା ଦାସ, ନଗେନ୍ଦ୍ର ବିଶ୍ୱାଳ, ବିନୋଦ ବିହାରୀ ଜେନା, ସମସ୍ତ ଆଶା କର୍ମୀ, ଷ୍ଟାଫ ନାର୍ସ, ଯୋଗ ଶିକ୍ଷୟତ୍ରୀ, ଏଲ୍‌ଟି କର୍ମୀମାନେ ଯୋଗ ଦେଇଥିଲେ।

# ଦୁର୍ଦ୍ଦଶା ଭୋଗୁଛନ୍ତି ୩ଗାଁର ଲୋକେ

ରୂପସା, ୩।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅଧୀନ ନଟାକଟା ପଞ୍ଚାୟତର ଅମର୍ଦ୍ଦାରୋଡ଼ ରେଳପଥ କଡ଼ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଏହା ଉପରେ ନିର୍ଭର କରୁଥିବା ବେଲା, ଖଣ୍ଡପସା ଓ ପଞ୍ଚବାଟିଆ ଗ୍ରାମର ୩ହଜାର ଲୋକ ବହୁତ ହଇରାଣ ହେଉଛନ୍ତି। ସ୍ୱାଧୀନତାର ୭୫ବର୍ଷ ପରେ ବି ସ୍ଥାୟୀ ରାସ୍ତା ନ ଥିବାରୁ ଏହି ଗ୍ରାମର ଲୋକମାନେ ରେଳପଥ ରାସ୍ତା ଉପରେ ନିର୍ଭର କରିଥାନ୍ତି। ପଞ୍ଚବାଟିଆ ରେଳଫାଟକଠାରୁ କେବିନ ପର୍ଯ୍ୟନ୍ତ ମାଟି ରାସ୍ତା ଓ କେବିନ ନିକଟରୁ ଅମର୍ଦ୍ଦାରୋଡ ରେଳଷ୍ଟେଶନ ପର୍ଯ୍ୟନ୍ତ ରହିଛି ପିଚୁରାସ୍ତା। ମରାମତି ଅଭାବରୁ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇ ବର୍ଷାଦିନେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଛି। ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଗାଡି ଆଦି ଯା'ଆସ କରିବାରେ ବାଧା ଉପୁଜୁଛି। ଉକ୍ତ ରାସ୍ତା ଦେଇ ଗାଡ଼ିରେ ଆସିବା ତ ଦୂରରେ ଥାଉ, ଚାଲିକି ଆସିବା ମଧ ସମ୍ଭବ ହୋଇପାରୁନାହିଁ। ଏ ସମ୍ପର୍କରେ ଗ୍ରାମବାସୀ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ରେଳମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ହେଁ ଏଯାବତ ସ୍ଥାୟୀ ରାସ୍ତା ନିର୍ମାଣ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସରକାର ସବୁଠି ଗମନାଗମନ ସୁବ୍ୟବସ୍ଥା କରୁଥିବା ବେଳେ ଏଠାରେ ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏଥିରେ ବ୍ୟତିକ୍ରମ ଘଟୁଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତୁରନ୍ତ ସ୍ଥାୟୀ ରାସ୍ତା ନିର୍ମାଣ ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।


ଖାଲଖମାରେ ଭର୍ତ୍ତି ହୋଇଥିବା ରାସ୍ତା।

## ଶାଳ କାଠ ଜବତ

ପାଟଣା,(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବନ ବିଭାଗ ରବିବାର ପାଟଣା ରେଞ୍ଜ୍ ତଣ୍ଡ ବିଟ ଅନ୍ତର୍ଗତ ଘାଟବାଲି ଯୋଡିର ଏକ ଗୋଚର ପଡ଼ିଆରେ ଚଡ଼ାଉ କରି ୩୮ ଖଣ୍ଡ ଶାଳ ଚୌକାଠ ଜବତ କରିଛି। ଏଗୁଡିକର ମୂଲ୍ୟ ୪୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ଟିକେଶ୍ୱର ମହାନ୍ତ କହିଛନ୍ତି। ଏହି ଚଢ଼ାଉରେ ପାଟଣା ଫରେଷ୍ଟର ସନାତନ ମିଶ୍ର, ଗାର୍ଡ ପ୍ରଯୁକ୍ତା ଜେନା, ତ୍ରିନାଥ ଜେନାଙ୍କ ସହ ପାରା ସ୍କ୍ୱାଡ ଏଥିରେ ସାମିଲ ଥିଲେ।

### ସଂକ୍ଷେପରେ

## ଦୋକାନ ଉପରକୁ ବୋମା ମାଡ଼

ବଡବିଲ, ୩।୧୦(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ମୁଖ୍ୟବଜାରସ୍ଥିତ ଏକ ଦୋକାନ ଉପରକୁ ରବିବାର ପୂର୍ବାହ୍ନରେ କେହି ଦୁର୍ବୃତ୍ତ ବୋମାମାଡ କରି ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ବଡବିଲ ବଡବିଲ ମୁଖ୍ୟବଜାର ଚଳଚଞ୍ଚଳ ରାସ୍ତାସ୍ଥିତ ଓଡିଶା ହାର୍ଡୱେର ଷ୍ଟୋର ଦୋକାନରେ ରବିବାର ପୂର୍ବାହ୍ନରେ ମାଲିକ ଦିନେଶ ଅଟଲ କାଉଣ୍ଟର ସମ୍ମୁଖରେ ରାସ୍ତାକୁ ପଛ କରି ଛିଡା ହୋଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ଦୋକାନ ଭିତରକୁ ବୋମା ଫୋପାଡି ଫେରାର ହୋଇଯାଇଥିଲେ। ବୋମା ମାଡ଼ରେ ଦୋକାନ ମାଲିକ ଓ କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଥିବାବେଳେ ଦୋକାନ ମଧ ସେଭଳି କୌଣସି କ୍ଷୟକ୍ଷତି ଘଟି ନ ଥିବା ଜଣାପଡିଛି। ତେବେ ଦୋକାନରେ ଥିବା ସିସି କ୍ୟାମେରାରେ ବୋମା ଫୁଟିବା ଦୃଶ୍ୟ କଏଦ ହୋଇଛି। ହେଲେ କିଏ, କେଉଁ ଦିଗରୁ ଏବଂ କାହିଁକି ବୋମା ଫୋପାଡିଥିଲା ତାହା ଜଣାପଡିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଫୁଟେଜ ଦେଖିବା ସହ ତନାଘନା ଆରମ୍ଭ କରିଛି।

## ଭାଜପାର ମିଶ୍ରଣ ପର୍ବ

ଆନନ୍ଦପୁର/ମନୋହରପୁର, ୩।୧୦(ସ୍ୱ.ପ୍ର.)-ଆଦିବାସୀ ଅଧୁଷିତ ପଞ୍ଚାୟତ ଆନନ୍ଦପୁର ବ୍ଲକର ଗୟଲମୁଣ୍ଡା ମଣ୍ଡଳ ପଣଷଡିହାଠାରେ ଭାଜପା ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ସ୍ଥାନୀୟ ୨୦ରୁ ଉର୍ଦ୍ଧ୍ୱ ଯୁବକ ଅନ୍ୟଦଳ ଛାଡି ଭାଜପାରେ ସାମିଲ ହୋଇଥିବା ଜଣାପଡିଛି। ଗୟଲମୁଣ୍ଡା ମଣ୍ଡଳ ସଭାପତି ହେମନ୍ତ ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଆନନ୍ଦପୁର ନିର୍ବାଚନମଣ୍ଡଳୀର ଭାଜପା ନେତା ଆଲୋକ ସେଠୀ, ଜିଲା ଉପସଭାପତି ନିରାକାର ଦଳେଇ, ଜିଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ସମ୍ପାଦକ ଦୀପକ ଜେନା, ବରିଷ୍ଠ ନେତା ରାମଚନ୍ଦ୍ର ସାହୁ, କମଳାକାନ୍ତ ମହାନ୍ତ, ବିରଞ୍ଚି ମହାନ୍ତ, ରାବଣ ହାଂସଦା, ସୀତାରାମ ଗାଗରାଇଙ୍କ ସମେତ ବହୁ ଭାଜପା ନେତୃବନ୍ଦ ଉପସ୍ଥିତ ରହି ଦଳର ଆଗାମି କାର୍ଯ୍ୟପନ୍ଥା ସ୍ଥିର କରିଥିଲେ।

## ଛଉ ନୃତ୍ୟର ବିକାଶ ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ବାରିପଦା ଅଫିସ, ୩।୧୦- ମୟୂରଭଞ୍ଜ ଜିଲା ସହ ଛଉନୃତ୍ୟର ସର୍ବାଙ୍ଗୀନ ବିକାଶ ପାଇଁ ନବଗଠିତ ମୟୂରଭଞ୍ଜ ଛଉ ଆଞ୍ଚଳିକ ମଞ୍ଚ ପକ୍ଷରୁ ୧୦ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପ୍ରଦାନ କରାଯାଇଛି। ମଞ୍ଚର ଉପଦେଷ୍ଟା ଦିଲ୍ଲୀପ କୁମାର ମିଶ୍ର, ସମ୍ପାଦକ ସୁଧୀର ନାୟକ ଓ ଯୁଗ୍ମ ସମ୍ପାଦକ ଲୋକନାଥ ଦାସଙ୍କ ନେତୃତ୍ୱରେ ଦିଆଯାଇଥିବା ସ୍ମାରକପତ୍ରରେ ଛଉ ନୃତ୍ୟର ବିକାଶ ପାଇଁ ଜିଲାସ୍ତରରେ କାର୍ଯ୍ୟାଳୟ ଖୋଲାଯିବା ସହିତ ଉପଖଣ୍ଡ ଓ ବ୍ଲକ ସଦର ମହକୁମା ଗୁଡ଼ିକରେ କାର୍ଯ୍ୟାଳୟ ଖୋଲିବା, ଛଉ କଳାକାରଙ୍କ ପରିବାର ସୁରକ୍ଷା ପାଇଁ ବୀମାଭୁକ୍ତ ଓ ଦୁର୍ଘଟଣାଜନିତ ସୁବିଧା ପ୍ରଦାନ, ଝାଡଖଣ୍ଡର ଚନ୍ଦନ କିଆରୀଠାରେ ଥିବା ଛଉନୃତ୍ୟ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟାଳୟକୁ ବାରିପଦାସ୍ଥ ଆଞ୍ଚଳିକ ଗବେଷଣା କେନ୍ଦ୍ରକୁ ସ୍ଥାନାନ୍ତର, ମୟୂରଭଞ୍ଜରେ ଜିଲା ଛଉ ନୃତ୍ୟ ମହାବିଦ୍ୟାଳୟର ଓଡ଼ିଶାର ଉତ୍କଳ ବିଶ୍ୱବିଦ୍ୟାଳୟ ଅଫ୍ କଲଚର ଅଧୀନରେ ଆରମ୍ଭ କରିବା ସହିତ ବାରିପଦାସ୍ଥିତ ମୟୂରଭଞ୍ଜ ଛଉ ମ୍ୟୁଜିୟମର ପୁନଃଉଦ୍ଧାର କରାଯିବା ଆଦି ଦାବି ଗୁଡିକ ରହିଛି।

# ଚଳଚଞ୍ଚଳ ହେଉଛି ସାନଘାଗରା

କେନ୍ଦୁଝର,୩।୧୦ (ସ୍ୱ.ପ୍ର.)

କୋଭିଡ କଟକଣା ଯୋଗୁ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ସାନଘାଗରା ଜଳପ୍ରପାତ ପର୍ଯ୍ୟଟନ କେନ୍ଦ୍ର ଖୋଲିବା ପରେ ଧୀରେ ଧୀରେ ଅବସ୍ଥା ସ୍ୱାଭାବିକ ହେବାକୁ ଲାଗିଛି। ଯଦିଓ ପର୍ଯ୍ୟଟନ ଋତୁ ଆସି ଗଲାଣି ତେବେ ଆଗଭଳି ପର୍ଯ୍ୟଟକଙ୍କ ଭିଡ ଦେଖିବାକୁ ମିଳୁନାହିଁ। ବହୁତ କମ ସଂଖ୍ୟାରେ ପର୍ଯ୍ୟଟକ ବୁଲିବାକୁ ଆସୁଥିଲେ ହେଁ ଭୋଜିଭାତ କରି ମଜାମଜଲିସ କରିପାରୁନାହାନ୍ତି। ଫଳରେ ପର୍ଯ୍ୟଟନ କେନ୍ଦ୍ର ପରିସର କାଁ ଭାଁ ଲାଗୁଛି। ନା ଶୁଭୁଛି ମାଇକ/ଡିଜେ ଗୀତ, ନା ଦେଖିବାକୁ ମିଳୁଛି ନାଚ ଗୀତ ।

ତେବେ ଆଗକୁ ପରିସ୍ଥିତି ସୁଧୁରିବ ଏବଂ ଆଗଭଳି ପର୍ଯ୍ୟଟକଙ୍କ ସଂଖ୍ୟା ବଢିବ ବୋଲି ମତ ପ୍ରକାଶ ପାଉଛି। ସାନଘାଗରାର ମନୋରମ ଜଳପ୍ରପାତ ବୁଲି ଦେଖିବା ସହ ଚାରିପାଖର ପ୍ରାକୃତିକ ସବୁଜ ବନାନୀର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଛନ୍ତି। ସେହିପରି ଏହା ପରିସରରେ ଥିବା ହ୍ରଦ ରେ ବୋଟିଂର ମଜା ନେଉଛନ୍ତି। ଆଗରୁ ବୋଟିଂ ପାଇଁ ବହୁ ସମୟ ଅପେକ୍ଷା କରିବାକୁ ପଡୁଥିଲା। ଏବେ କିନ୍ତୁ ପ୍ରାୟ ବୋଟ ସବୁ ଖାଲି ପଡୁଛି। ଗୋଟିଏ/ଦୁଇଟି ବୋଟ ରେ ପର୍ଯ୍ୟଟକ ମାନେ ମନ ଖୁସିରେ ବୁଲୁଛନ୍ତି। କଟକରୁ ଆସିଥିବା ଜଣେ ପର୍ଯ୍ୟଟକ ବାବୁଲା ସାହୁ କହିଛନ୍ତି, କୋଭିଡ ପାଇଁ ପରିସର ମଳିନ ପଡିଯାଇଛି। ଭିଡ଼ ନାହିଁ । ଆଗଭଳି ସ୍ୱରଶବ୍ଦ ଓ ଚଳଚଞ୍ଚଳ ନାହିଁ। ଏଣୁ ଭଲ ଲାଗୁନାହିଁ । ତେବେ ଜଳପ୍ରପାତ ବୁଲି ଦେଖିବା ଏବଂ ବୋଟିଂର ମଜା ଉଠାଇ ଫେରୁଛୁ । ସଂଗ୍ରହାଳୟ ବନ୍ଦ ପଡିଛି । ଅନ୍ୟାନ୍ୟ ଖେଳ ବନ୍ଦ ରହିଛି ।

ରାଜ୍ୟ ପ୍ରସିଦ୍ଧ ଏହି ଜଳପ୍ରପାତକୁ ଅଧିକ ପର୍ଯ୍ୟଟକଙ୍କ ଆକୃଷ୍ଟ କରିବା ପାଇଁ ପ୍ରଶାସନ ପକ୍ଷରୁ



ବୋଟିଂର ମଜା ନେଉଛନ୍ତି ପର୍ଯ୍ୟଟକ।

### ଫେରୁଛି ସ୍ୱାଭାବିକ ଅବସ୍ଥା

ଏହାର ଉନ୍ନତି କରଣ କରିବା ସହ ସେମାନଙ୍କ ସୁବିଧା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ତେବେ କୋଭିଡ ମହାମାରୀ ଯୋଗୁ ଏହା ବାରମ୍ୱାର ବନ୍ଦ ରହିବା ଫଳରେ ଏହାର ରକ୍ଷଣାବେକ୍ଷଣ ହୋଇ ନ ପାରି ଅବ୍ୟବସ୍ଥା ମଧ୍ୟରେ ରହିଛି । କେନ୍ଦୁଝର ସହର ଠାରୁ ମାତ୍ର ୬ କି.ମି. ଦୂରରେ କେନ୍ଦୁଝର-ସମ୍ବଲପୁର ଏନ୍ଏଚ ୪୯ ରାସ୍ତା କଡରେ ଏହି ପର୍ଯ୍ୟଟନ କେନ୍ଦ୍ର ରହିଛି। ଆଗକୁ ପୂଜାଛୁଟି ସାଙ୍ଗକୁ ଶୀତ ଋତୁର ଆଗମନ ଥିବାରୁ ଅଧିକ ପର୍ଯ୍ୟଟକ ଆସିବା ସମ୍ଭାବନା ରହିଛି। ଏଣୁ ପ୍ରଶାସନ ପକ୍ଷରୁ ପର୍ଯ୍ୟଟକଙ୍କ ଖାଇବା, ଭୋଜିଭାତ ଆୟୋଜନ କରିବା, ସୁରକ୍ଷା ତଥା ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ନେଇ ପଦକ୍ଷେପ ନେବାକୁ ପ୍ରେସ କ୍ଲବ ଉପସଭାପତି ତଥା ପରିବେଶପ୍ରେମୀ କେନ୍ଦୁଝରର ପ୍ରଦିପ ମହାନ୍ତି ଦାବି କରିଛନ୍ତି।



ଆରଡ଼ି ଆଖଣ୍ଡଳମଣି ପୀଠରେ ମା' ଦୁର୍ଗାଙ୍କ ଭବାନୀ ବେଶ।

# ଭେଡ଼ା ଅଞ୍ଚଳ ସମସ୍ୟା ନେଇ ଏକାଠି ହେଲେ ମହିଳା



ସମାବେଶରେ ଯୋଗଦେଇଥିବା ମହିଳାମାନେ।

ପଦ୍ମପୁର, ୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତ ଚାରବାଟିଆଠାରେ ଭେଡ଼ା ମହିଳା ବିକାଶ ମଞ୍ଚ ପକ୍ଷରୁ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ନେଇ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ୨୦୦ରୁ ଉର୍ଦ୍ଧ୍ୱ ମହିଳା ଏକାଠି ହୋଇଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ଅନ୍ୟତମ ଅତିଥି ସ୍ୱରାଜ ବାର୍ତ୍ତାର ସମ୍ପାଦକ ରବିନାରାୟଣ ଖିଲାର, ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ଚୈତାଳି ଖିଲାର, କଳ୍ପନା ଜେନା, ମନୋରମା ରାୟ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଚାରବାଟିଆ ଘାଟଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟଅତିଥି ପାଣିଗ୍ରାହୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମାବେଶରେ ମହିଳା ବିକାଶ ମଞ୍ଚ ଅଭିଯୋଗ କରିଥିଲା ଯେ, ବ୍ଲକର ୧୫ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଅବହେଳିତ ହୋଇ ଆସିଛି। ଶିକ୍ଷା ସ୍ୱାସ୍ଥ୍ୟ ଓ ବିକାଶରେ ପଛୁଆ ରହି ଆସିଛି। ବହୁ ବର୍ଷ ପରେ ବି ଚାରବାଟିଆଠାରେ ମନ୍ତେଇ ନଦୀରେ ପୋଲ ହୋଇପାରି ନାହିଁ। ବାଲିମେଦ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବା, ଜରୁରିକାଳୀନ ସେବା ପାଇଁ ଆମ୍ବୁଲାନ୍ସ ନ ରହିବା, ବାଲିମେଦ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କ ନିମନ୍ତେ ପାନୀୟ ଜଳବ୍ୟବସ୍ଥା ମଧ ହୋଇପାରିନାହିଁ।

ଆଗାମୀ ଦିନରେ ମଞ୍ଚ ଏସବୁ ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନିକ ଅଧିକାରୀମାନଙ୍କୁ ଅବଗତ କରାଇବ। ସମାଧାନ ନ ହେଲେ ମଞ୍ଚ ରାଜରାସ୍ତାକୁ ଆନ୍ଦୋଳନ ପାଇଁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ଅବସରରେ ମହିଳା ବିକାଶ ମଞ୍ଚ ପକ୍ଷରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ୬୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରଶ୍ମିରଞ୍ଜନ ମହାନ୍ତି, ବିକର୍ତ୍ତନ ଦାସ, ସୁଶାନ୍ତ ମହାନ୍ତି, ନରେନ ବିଶ୍ୱାଳ, ରାଜେଶ ଦାସ, ବିମଳ ମଳିକ, ଖଗେଶ୍ୱର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବିନା ଲିଜ୍‌ରେ ପଥର ଖନନ ଅଭିଯୋଗ

କେନ୍ଦୁଝର, ୩।୧୦ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ତହସିଲ ଅନ୍ତର୍ଗତ ଖଜୁରୀଜୁଆଣି (ଖଣ୍ଡଘର) ଗ୍ରାମ ନିକଟରେ ବିନା ଲିଜ୍‌ରେ ଏକ ସଂସ୍ଥାରେ ବେଆଇନ ଭାବେ ପଥର ଖନନ ହେଉଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଢେଙ୍କିକୋଟ ରାଜସ୍ୱ ନିରୀକ୍ଷକ ଅନୁସୟା ବେହେରା ଉକ୍ତ ସ୍ଥାନକୁ ଯାଇ ତଦନ୍ତ କରି ଘଟଗାଁ ତହସିଲଦାରଙ୍କୁ ଅବଗତ କରିବା ପରେ ତହସିଲ ପକ୍ଷରୁ କାମ କରୁଥିବା ସଂସ୍ଥାକୁ ନୋଟିସ କରିଥିବା ଜଣାପଡିଛି। ଦୀର୍ଘଦିନ ଧରି ସ୍ଥାନୀୟ ଉକ୍ତ ସଂସ୍ଥା ବଡ ବଡ ମେଶିନ ଲଗାଇ କମ୍ପାନୀ ପଥର ଉତ୍ତୋଳନ କରି ପରିବହନ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ପରେ ଘଟଣା ଲୋକ ଲୋଚନକୁ ଆସିଥିଲା। ତେବେ କେତେ ପଥର ଉତ୍ତୋଳନ କରାଯାଇ ଚାଲାଣ ହୋଇଛି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି। ଏହା ପ୍ରାୟ ୧୧ ଏକର ପରିମିତ ଖଣି ଜଣେ ଠିକ ସଂସ୍ଥା ଲିଜ୍ ନେଇ କାମ କରିଆସୁଥିଲା। ଲିଜ ଅବଧି ଶେଷ ହେବା ପରେ ଏହା ଖାଲି ପଡିଥିଲା। ଏହି ଖଣିକୁ ଜାତୀୟ ରାଜପଥ ୨୦ର ଅବଶିଷ୍ଟ କାମ ପାଇଁ ଠିକା ପାଇଥିବା ଏକ ସଂସ୍ଥାକୁ ଲିଜ ଦେବା ପାଇଁ ସୁପାରିଶ ହୋଇଥିବା ଜଣାପଡିଛି। ଏଣୁ ଖଣି ଲିଜ ନ ନେଇ ଉକ୍ତ ସଂସ୍ଥା କାମ କରିଆସୁଥିଲେ ହେଁ ସ୍ଥାନୀୟ ରାଜସ୍ୱ ଅଧିକାରୀ କିଭଳି ବିଳମ୍ବରେ ରିପୋର୍ଟ କଲେ ସେ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି । ଏହା ଦ୍ୱାରା ସରକାରଙ୍କ ବ୍ୟାପକ ରାଜସ୍ୱ ହାନୀ ଘଟିଛି। ସେହିପରି ଉକ୍ତ ସଂସ୍ଥା ଜଙ୍ଗଲାଞ୍ଚଳରେ ବିନା ଅନୁମତିରେ କ୍ରସର ନିର୍ମାଣ କରିଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଥିବାରୁ ଏନେଇ ତହସିଲ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏସମ୍ପର୍କରେ ଆରଆଇ ଅନୁସୂୟା ବେହେରା କହିଛନ୍ତି, ତହସିଲଦାରଙ୍କୁ ଉକ୍ତ କ୍ୱାରୀ ସମ୍ପର୍କରେ ରିପୋର୍ଟ ଦେଇଛନ୍ତି।

## ବଡ଼ସାହି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ବାରିପଦା ଅଫିସ, ୩।୧୦

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଡାହିସାହି ପରିସରରେ ବୈଠକ ପୂର୍ବତନ ବ୍ଲକ ସମ୍ପାଦକ ବୀରେନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଶିବ କୁମାର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସଭାପତି ଆର୍ତ୍ତତ୍ରାଣ ପରିଡ଼ା ଓ ସମ୍ପାଦକ ବିମଳ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ବଡ଼ସାହି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ଶିକ୍ଷକ ଧୃବେନ୍ଦ୍ର ଜେନା, ଉପସଭାପତି ଚିତ୍ତରଞ୍ଜନ ଗିରି ଓ ମିନତି ବେହେରା, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଜେନା, ସହ ସମ୍ପାଦକ ତପନ ମହାପାତ୍ର, ପ୍ରଦୀପ ମହାନ୍ତ, କୃଷ୍ଣ ସେବିକା ରାଉତ, ସଙ୍ଗଠନ ସମ୍ପାଦକ ସଞ୍ଜୟ ଜେନା, ସବିତା ନାଥ, କୋଷାଧ୍ୟକ୍ଷ ମହେଶ୍ୱର ମହାନ୍ତ, ସଂଯୋଜକ ଆକୁଳ ଚନ୍ଦ୍ର ମହାନ୍ତ ଓ ମୁଖପାତ୍ର ଭାବେ ପ୍ରଦୀପ ଜେନା ମନୋନୀତ ହୋଇଛନ୍ତି। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ସାପ କାମୁଡ଼ାରେ ଯୁବତୀ ମୃତ

ଭଦ୍ରକ ଅଫିସ,୩।୧୦

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାବରଙ୍ଗ ଗୋରାମାଟି ନୂଆସାହିରେ ସାପ କାମୁଡ଼ାରେ ଲକ୍ଷ୍ମୀପ୍ରିୟା ନାୟକ ନାମ୍ନୀ ଯୁବତୀଙ୍କ ମୃତ୍ୟୁ ଘଟିଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଗଣଦୌଡ଼ରେ ସଚେତନତା ବାର୍ତ୍ତା

ବାରିପଦା ଅଫିସ, ୩।୧୦

ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ଛଉ ପଡ଼ିଆରେ ନେହେରୁ ଯୁବକେନ୍ଦ୍ର ଓ ଜାତୀୟ ସେବା ଯୋଜନା ମିଳିତ ସହଯୋଗରେ ଆଜାଦ୍ କା ଅମୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଫିଟ୍ ରହିବାର ଉପାୟ କହିଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ସେବା ଯୋଜନା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ମୃତି ରଞ୍ଜନ ଦାସ, ଜିଲା କ୍ରୀଡ଼ା ଅଧିକାରୀ ଅବନୀ ମହାନ୍ତି ଓ ଆଇନଜୀବୀ ନରୋତ୍ତମ ପାଣିଗ୍ରାହୀ ଯୋଗ ଦେଇଥିଲେ। ଯୁବକେନ୍ଦ୍ର ଅଧିକାରୀ ବିଘ୍ନେଶ ଏମ୍ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଉଲ୍ଲେଖ କରିଥିଲେ। ଏହି ଅବସରରେ ଗଣଦୌଡ଼ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସ୍ୱେଚ୍ଛାସେବୀମାନେ ଛଉ ପଡ଼ିଆଠାରୁ ବଡ଼ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ଦେଇ ଜନସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ରାଉଳ, ଡ. ପ୍ରିୟବ୍ରତ ବେହେରା, ମୀରା ସେନାପତି, ବିଜୟ ନାୟକ, ମାନସୀ ବାରିକ, କନିକା ବୋଷ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଶତାଧିକ ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀ, ନେହେରୁ ଯୁବକେନ୍ଦ୍ର ସ୍ୱେଚ୍ଛାସେବୀ ଏବଂ ଏନ୍‌ସିସିର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସାମିଲ ଥିଲେ। ନେହେରୁ ଯୁବକେନ୍ଦ୍ରର ଏପିଏସ୍ ଅଶୋକ କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## 'ଦିନକୁ ୧୦ଘଣ୍ଟା ପରିଶ୍ରମ ଦେଇଛି ସଫଳତା'

ଭଦ୍ରକ ଅଫିସ, ୩।୧୦

### ଓଜେଇଇରେ ୨ୟ ସ୍ଥାନରେ ଚନ୍ଦ୍ରପ୍ରସାଦ

ଚଳିତବର୍ଷ ଓଜେଇଇ (ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା)ରେ ଗ୍ରୀନ୍ କାର୍ଡ଼ ର୍ୟାଙ୍କ ଅନୁସାରେ ଭଦ୍ରକର ଚନ୍ଦ୍ରପ୍ରସାଦ ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚନ୍ଦ୍ରପ୍ରସାଦ ହେଉଛନ୍ତି ଭଦ୍ରକ ଚାରିଘରିଆ, ପାତ୍ରସାହି ନିବାସୀ ଶିକ୍ଷାବିତ୍ ସୁରେନ୍ଦ୍ର ପ୍ରସାଦ ପଣ୍ଡା ଏବଂ ଶିକ୍ଷୟିତ୍ରୀ ଜୟନ୍ତୀ କରଶର୍ମାଙ୍କ ସାନପୁଅ। ଦିନକୁ ୧୦ରୁ ଅଧିକ ଘଣ୍ଟା ପରିଶ୍ରମ ତାଙ୍କୁ ଏହି ସଫଳତା ଦେଇଥିବା ଚନ୍ଦ୍ରପ୍ରସାଦ କହିଛନ୍ତି। ଏଥିସହ ସେ ନିଟ୍, ଓୟୁଏଟି ଏବଂ ଆଇସିଏମ୍ଆର୍ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷାରେ ସେ କୃତିତ୍ୱ ଅର୍ଜନ କରିବାକୁ ଆଶା ବାନ୍ଧିଛନ୍ତି।



ଚନ୍ଦ୍ରପ୍ରସାଦ ପଣ୍ଡା।

## ଜିଲାରେ ନୂତନ ପ୍ରକଳ୍ପ ଦାବି

### ରେଳମନ୍ତ୍ରୀଙ୍କୁ ଭେଟିଲେ ବିଧାୟକ

ବାରିପଦା ଅଫିସ, ୩।୧୦

ମୟୂରଭଞ୍ଜ ଜିଲା ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ଶନିବାର ନୂଆଦିଲ୍ଲୀଠାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଜିଲାରେ ନୂତନ ପ୍ରକଳ୍ପ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଆନ୍ଧ୍ରପ୍ରଦେଶ ଭଦ୍ରାଚଳମଠାରୁ ମାଲକାନଗିରି, ଫୁଲବାଣୀ, ଅନୁଗୁଳ, କେନ୍ଦୁଝର, ବାରିପଦା ଦେଇ ଖଡ଼ଗପୁର ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ ପାଇଁ ବିଧାୟକ ସୋରେନ ରେଳ ମନ୍ତ୍ରୀଙ୍କୁ ଦାବି ଜଣାଇଛନ୍ତି। ଖଣିଜ ଦ୍ରବ୍ୟର ପରିବହନ ଓ ଶିଳ୍ପର ବିକାଶ ହେଲେ ଦେଶର ଅର୍ଥନୀତିର ବିକାଶ ହେବା ସହ ବେକାର ଯୁବତୀ ଯୁବକଙ୍କ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ସେ କହିଥିଲେ। ଏହାସହ ରୁପ୍‌ସା-ବାଙ୍ଗିରିପୋଷି ରେଳପଥର ସମ୍ପ୍ରସାରଣ ପାଇଁ ସେ ଦାବି ଜଣାଇଛନ୍ତି।

# ୧୭ବର୍ଷ ଧରି ମରାମତି ହୋଇପାରୁନି ରାସ୍ତା

ପଦ୍ମପୁର,୩।୧୦(ଡି.ଏନ.ଏ.)

- ଜାଗା ବିବାଦ ଯୋଗୁ ସମସ୍ୟା
- ସୃଷ୍ଟି ହୋଇଛି ଅଢ଼େଇ ଫୁଟ୍‌ର ଗର୍ତ୍ତ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର-ବିରସ ରାସ୍ତାର ବାଲିମେଦ ଛକଠାରେ ଜଣେ ବ୍ୟକ୍ତିଙ୍କ ସ୍ଥିତିବାନ ଜାଗା ଉପରେ ରାସ୍ତା ଯାଇଥିବାରୁ ମରାମତି ହୋଇପାରୁ ନାହିଁ। ଫଳରେ ସେଠାରେ ପ୍ରାୟ ଅଢ଼େଇ ଫୁଟ୍‌ର ଗର୍ତ୍ତ ସୃଷ୍ଟି ହୋଇ ପ୍ରତ୍ୟେହ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ଦୈନିକ ଶତାଧିକ ଭାରିଯାନ ଧାମରା ଅଞ୍ଚଳକୁ ଯାତାୟାତ କରୁଥିବା ବେଳେ ହଜାର ହଜାର ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ନିର୍ଭର କରନ୍ତି। ଏହା ଭଦ୍ରକରୁ ବିରସ ଓ ବାସୁଦେବପୁରକୁ ମୁଖ୍ୟ ସଂଯୋଗ ରାସ୍ତା ହୋଇଥିବା ବେଳେ ୧୭ବର୍ଷ ଧରି ରାସ୍ତା ମରାମତି ହୋଇ ନ ପାରିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବାଲିମେଦ ଅଞ୍ଚଳର ଜନୈକ ବ୍ୟକ୍ତିଙ୍କର ୨୦ ଡିସିମିଲ ସ୍ଥିତିବାନ ଜାଗା ଉପରେ ରାସ୍ତା ନିର୍ମାଣ କରାଯାଇଛି। ଏହା ବଦଳରେ ସରକାରଙ୍କ ପକ୍ଷରୁ ତାଙ୍କୁ ଅନ୍ୟତ୍ର ୨୦ ଡିସିମିଲ ଜାଗା ଯୋଗାଇ ଦିଆଯାଇଥିଲା। ହେଲେ ସେହି ଜାଗାକୁ ଅନ୍ୟ ଜଣେ ବ୍ୟକ୍ତି ଜବରଦଖଲ କରି ତାଙ୍କୁ ଦଖଲ ଦେଇ ନ ଥିଲେ। ଏନେଇ ସେ ବାରମ୍ବାର ଅଦାଲତ ଦ୍ୱାରସ୍ଥ ହେବା ପରେ ମଧ ସମସ୍ୟାର ସମାଧାନ ହୋଇପାରି ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ଅଛି, କୋର୍ଟଙ୍କ ରାୟ ପରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ ବୋଲି କହିଛନ୍ତି।



ବାଲିମେଦ ରାସ୍ତାରେ ଲୋକେ ବିପଜ୍ଜନକ ଭାବେ ଯାତାୟାତ କରୁଛନ୍ତି।

# ଜେଜେମା'ଙ୍କ ଭରସାରେ ୪ ଅନାଥ ଭଉଣୀ

ଠାକୁରମୁଣ୍ଡା,୩।୧୦(ଡି.ଏନ.ଏ.)

ମା' ବାପା ଆରପାରିରେ। ଜେଜେମା'ଙ୍କ ଭରସାରେ ଅସହାୟ ଜୀବନ ବିତାଉଛନ୍ତି ୪ ଅନାଥ ଭଉଣୀ। ମାସକୁ ୩୫ କିଲୋ ଚାଉଳ ଓ ୫୦୦ ଟଙ୍କା ଭତ୍ତାରେ ଚଳୁଛନ୍ତି ୫ ପ୍ରାଣୀ। ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ମହୁଲଡ଼ିହା ପଞ୍ଚାୟତର ଗୌଡ଼ିଆବାହାଲି ବେହେରା ସାହିରେ ଏହି ଘଟଣା ଦେଖିବାକୁ ମିଳିଛି।

ଏହି ଗାଁରେ ବାସ କରନ୍ତି ବୃଦ୍ଧା ପୁନ୍ତା ମାଝି(୫୯)। ଅନେକ ବର୍ଷ ପୂର୍ବରୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ୪ ନାତୁଣୀ ପୁନ୍ତା(୧୧), ସଲମା (୯), ସୁକାନ୍ତୀ (୭) ଓ ବେଲ(୫)ଙ୍କୁ ନେଇ ତାଙ୍କ ସଂସାର। ୫ ବର୍ଷ ପୂର୍ବେ ବୋହୂ ସୁନା ମାଝି ଆରପାରିକୁ ଚାଲିଯାଇଥିବା ବେଳେ ପୁଅ ରାଜୁ ମଧ ୫ ମାସ ତଳେ ଆଖି ବୁଜି ଦେଇଥିଲେ। ଏବେ ପାଞ୍ଚପ୍ରାଣୀ କୁଟୁମ୍ବ ମାସକୁ ୩୫ କିଲୋ ଚାଉଳ ଓ ୫୦୦ ଭତ୍ତା ଟଙ୍କାରେ ଚଳୁଛନ୍ତି। ୧୫ରୁ ୧୮ ଦିନ ମଧ୍ୟରେ ଚାଉଳ ସରିଗଲେ ମାସର ଅବଶିଷ୍ଟ ଦିନ ସେମାନଙ୍କୁ ଅର୍ଦ୍ଧାହାର ଓ ଅନାହାରରେ ରହିବାକୁ ପଡ଼ିଥାଏ। ୨୦୧୬-୧୭ ଆର୍ଥିକ ବର୍ଷରେ ତାଙ୍କ ବୋହୂଙ୍କ ନାମରେ ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ କାମ ଠିକାଦାର ଅଧା କରି ଚାଲିଯାଇଥିଲା ବେଳେ ବୃଦ୍ଧା ପୁନ୍ତା ବହୁ କଷ୍ଟରେ ଘର କାମ ଶେଷ କରିଥିଲେ। ଏବେ ମଧ ଏହି ଘରର ଝରକା ଲାଗି ପାରିନାହିଁ। ବଡ଼ ନାତୁଣୀ



ଜେଜେମା'ଙ୍କ ସହ ୪ ଅନାଥ ଭଉଣୀ।

### ମା' ବାପା ଆରପାରିରେ

ସଲମା ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ଅନ୍ୟ ଦୁଇ ନାତୁଣୀ ଯଥାକ୍ରମେ ତୃତୀୟ ଓ ପ୍ରଥମ ଶ୍ରେଣୀ ଶ୍ରେଣୀରେ ପଢୁଛନ୍ତି। ସାନ ଅଙ୍ଗନୱାଡ଼ି ଯାଉଛି। ଏ ସଂକ୍ରାନ୍ତରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ ମୁଁ ସେମାନଙ୍କୁ ଜାଣିଛି ଓ ତାଙ୍କ ପାଖକୁ ଯାଇଛି। ସରକାରଙ୍କ ଆଶୀର୍ବାଦ ଯୋଜନାରେ ସେମାନଙ୍କ ନାମ ସାମିଲ ପାଇଁ ସୁପାରିଶ କରାଯାଇଛି। ଉକ୍ତ ପରିବାରକୁ ରାଶନକାର୍ଡ ଯୋଗାଇ ଦେବାକୁ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଛି। ସେହିପରି ଆଦିବାସୀ ହୋଇଥିବାରୁ ଆଶ୍ରମ ସ୍କୁଲରେ ସେମାନଙ୍କ ପିଲା ପାଠ ପଢ଼ିବାର ବନ୍ଦୋବସ୍ତ କରାଯାଉଥିବା କହିଛନ୍ତି। ତେବେ ଏହି ଅନାଥ ୪ ଭଉଣୀଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହେଉଛି।

## ପୋଖରୀରୁ ମହିଳାଙ୍କ ମୃତଦେହ ଜବତ

କେନ୍ଦୁଝର, (ସ୍ୱ.ପ୍ର.): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ନରଣପୁର ଗ୍ରାମ ନିକଟସ୍ଥ ପୋଖରୀରେ ଜଣେ ମହିଳାଙ୍କ ମୃତ ଦେହ ଭାସୁଥିବା ନେଇ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ମହିଳା ଜଣଙ୍କ ଚିହ୍ନଟ ହୋଇ ପାରି ନ ଥିଲେ ହେଁ ସେ ବିବାହିତା ବୋଲି ଜଣାପଡ଼ିଛି। ତେବେ ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଥିବା ବେଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଜମି ପଟ୍ଟା ବଣ୍ଟନ

ଜଳେଶ୍ୱର,୩।୧୦(ଡି.ଏନ.ଏ.) ବାଲେଶ୍ୱର ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଆଦିବାସୀ ଅଧ୍ୟୁଷିତ ବରଡ଼ିହାଠାରେ ୬୬ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରିଛନ୍ତି। ଜଳେଶ୍ୱର ବ୍ଲକ ଅଧୀନ ଆଦିବାସୀ ଅଧ୍ୟୁଷିତ ରାଇବଣିଆ ଅଞ୍ଚଳରେ ଥିବା ୧୪ଟି ପଞ୍ଚାୟତ ବହୁ ବ୍ୟକ୍ତି ଜଙ୍ଗଲ ଜମିରେ ବର୍ଷବର୍ଷ ଧରି ରହି ଆସୁଥିଲେ ମଧ୍ୟ ମାଲିକାନା ସତ୍ତ୍ୱ ନ ଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ହୋଇ ଆସୁଥିଲେ। ରବିବାର ସେମାନଙ୍କ ମଧ୍ୟରୁ ୬୬ଜଣଙ୍କୁ ଜମିପଟ୍ଟା ଦିଆଯିବାର ବ୍ୟବସ୍ଥା କରାଯାଇଥିଲା। ରାଜସ୍ୱ, ଜଙ୍ଗଲ ଓ ମଙ୍ଗଳ ବିଭାଗର ସବୁଜ ସଂକେତ ପରେ ଜିଲାପାଳ ଓ ବିଧାୟକ ଅଶ୍ୱିନୀ ପାତ୍ର ଉପସ୍ଥିତ ରହି ପଟ୍ଟା ବଣ୍ଟନ କରିଥିଲେ। ୨୦୧୮-୧୯ରେ ୮୩ଜଣ, ୨୦୧୯-୨୦ରେ ୧୪୨ ଜଣ ଓ ରବିବାର ୬୬ଜଣଙ୍କୁ ଏପରି ପଟ୍ଟା ଦିଆଯାଇଥିବା ବେଳେ ଚଳିତମାସରେ ଅନ୍ୟ ୩୧ଜଣଙ୍କୁ ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଥିଲେ। ଏହି ସଭାରେ ମୁନିନ୍ଦ୍ର ଧର, ସରପଞ୍ଚ ପାର୍ବତୀ ବେହେରା, ଅଜୟ ମହାନ୍ତି, ଦିଲୀପ ସାମଲ, ଭୂପତି ମିର୍ଦ୍ଧା, ମାନସ କୁମାର ଜେନା, ବ୍ରିଜଶ ରଣା, ମୂରଲୀଧର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ୧୨ ଉଚ୍ଚ ବିଦ୍ୟାଳୟ ଉନ୍ନତୀକରଣ ନେଇ ସମୀକ୍ଷା

ସୋର,୩।୧୦(ଡି.ଏନ.ଏ.)-ସୋର ବ୍ଲକରେ ଏବେ ରାଜ୍ୟ ସରକାରଙ୍କ ୫ଟି ବିଭାଗ ତତ୍ତ୍ୱାବଧାନରେ ୧୨ଟି ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ ଯୋଜନାର ସମୀକ୍ଷା ବୈଠକ ବିଡିଓ ସୁଶାନ୍ତ କୁମାର ବାରିକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଅତସୀ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କେଶରୀପୁର, ଟେଣ୍ଟେଇ, ଅନନ୍ତପୁର, ବାଳଙ୍ଗ, ରେଓଡା, ପାଖର, ସାଜନପୁର, ସବିରା, ବାଗୁଡି, ଗୋପୀନାଥପୁର, ସିଙ୍ଗାଖୁଣ୍ଟା ଆଦି ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ ଓ ଶିକ୍ଷା ବିଭାଗର ମିଳିତ ଆର୍ଥିକ ସହଯୋଗରେ ଉନ୍ନତିକରଣ କାର୍ଯ୍ୟ ନେଇ ସମୀକ୍ଷା କରାଯାଇଛି। ଏହି ଯୋଜନାରେ ରାଜ୍ୟ ସରକାରଙ୍କ ପ୍ରାୟ ୭୫ପ୍ରତିଶତ ସହ ପ୍ରାକ୍ତନ ଛାତ୍ରସଂସଦ ସହ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ୨୫ପ୍ରତିଶତ ଆର୍ଥିକ ସହଭାଗିତାରେ ବିଦ୍ୟାଳୟରେ ଇ-ଲାଇବ୍ରେରୀ, ଲବୋରାଟୋରୀ, ସ୍ମାର୍ଟ କ୍ଲାସ ରୁମ୍, ଶୌଚାଳୟ, ଡିଜିଟାଲ ବ୍ଲାକ ବୋର୍ଡ ସହ କ୍ରୀଡ଼ା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଶିକ୍ଷା ବ୍ୟବସ୍ଥା ହେବ। ଏହି ଅବସରରେ ବ୍ଲକ ଉପାଧକ୍ଷ ରତିକାନ୍ତ ମହାନ୍ତି, ଜିପିଓ ସୁଧୀର କୁମାର ସାହୁ, ସରୋଜ କୁମାର ମହାପାତ୍ର, ପ୍ରାକ୍ତନ ଅଧକ୍ଷ ଶ୍ରୀକାନ୍ତ ଜେନା ଓ ଜିଲା ପରିଷଦ ସଭ୍ୟ ଅସୀତ୍ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରକ୍ତଦାନ ଶିବିର

କେନ୍ଦୁଝର, ୩।୧୦(ଡି.ଏନ୍.ଏ.): ରୋଟାରୀ କ୍ଲବ ଅଫ୍ କେନ୍ଦୁଝରଗଡ ତରଫରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରୋଟାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପୂର୍ବତନ ସିଡିଏମ୍ଓ ଡ. ପି.ସି. ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ଅଫ୍ କେନ୍ଦୁଝରଗଡର ସଭାପତି ରୋଟାରିୟାନ୍ ଡ. ରାଜେନ୍ଦ୍ର ପଲେଇ, ସମ୍ପାଦିକା ନିରୁପମା ସ୍ୱାଇଁ, ବ୍ଲକ ଡୋନେସନ କ୍ୟାମ୍ପ ଚେୟାରମ୍ୟାନ ପ୍ରଭାତ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ ୧୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ବିଜେଡିର ସାମାଜିକ ସେବା କାର୍ଯ୍ୟକ୍ରମ

ଭଣ୍ଡାରିପୋଖରୀ,୩।୧୦(ଡି.ଏନ.ଏ)- କରୋନା ମହାମାରୀ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପକ୍ଷରୁ ଚଳିତ ମାସ ୨ରୁ ସାମାଜିକ ସେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା ନଭେମ୍ବର ୨ ପର୍ଯ୍ୟନ୍ତ ଏହା ଜାରି ରହିବ। ଭଣ୍ଡାରିପୋଖରୀ ବ୍ଲକ ବିଜେଡି ପକ୍ଷରୁ ଯ୍ୟାନାପୁରଠାରେ ପଞ୍ଚାୟତ ଯୁବ ବିଜେଡି ସଭାପତି ନାଗେଶ୍ୱର ବେହେରାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ନାୟକ, ବିଧାୟକଙ୍କ ପ୍ରତିନିଧି ପ୍ରଣୀତକାନ୍ତ ସାମଲ, ସମିତି ସଦସ୍ୟା ସ୍ମିତାରେଖା ରାଉତ, ଦଳୀୟ ନେତା ଲକ୍ଷ୍ମୀକାନ୍ତ ସାହୁ, ଅନନ୍ତ ତ୍ରିପାଠୀ, ଉଷାରାଣୀ ଧଳ ପ୍ରମୁଖ ଯୋଗଦେଇ ସ୍ଥାନୀୟ ସ୍କୁଲ ପରିସର ଓ ଆଖପାଖ ଅଞ୍ଚଳ ସଫେଇ କରିଥିଲେ। ଏହାସହ ମାସ୍କ ବଣ୍ଟନ ଓ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସ୍ଥାନୀୟ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ। ପଞ୍ଚାୟତ ବିଜେଡି ନେତା ଲକ୍ଷ୍ମୀଧର ସାହୁ ଧନ୍ୟବାଦ ଜଣାଇଥିଲେ।

# ସହରାଞ୍ଚଳରେ ଜଳ ନିଷ୍କାସନକୁ ଗୁରୁତ୍ୱ

ବାଲେଶ୍ୱର ଅଫିସ, ୩।୧୦



ବୈଠକରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏମ୍ପି ପ୍ରତାପ ଷଡ଼ଙ୍ଗୀ ଓ ଅନ୍ୟମାନେ।

**ପଞ୍ଚମ ଜିଲା ପରିଷଦର ଦ୍ୱାଦଶ ବୈଠକ**

ବାଲେଶ୍ୱର ପଞ୍ଚମ ଜିଲା ପରିଷଦର ଦ୍ୱାଦଶ ବୈଠକ ଶୁକ୍ରବାର ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ନିବେଦିତା ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବାଲେଶ୍ୱରର ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେ'ଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। କରୋନା ମହାମାରୀ ସମୟରେ ଧିମେଇ ଯାଇଥିବା ପ୍ରକଳ୍ପ କାମକୁ କିଭଳି ଶୀଘ୍ର ସମ୍ପୂର୍ଣ୍ଣ କରାଯାଇପାରିବ ତାହା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଅନ୍ୟପକ୍ଷରେ ଜିଲାର ସହରାଞ୍ଚଳରେ ବେଆଇନ ଭାବେ ହୋଇଥିବା ଜବରଦଖଲକୁ ହଟାଯାଇ ଜଳ ନିଷ୍କାସନ ସମସ୍ୟାର ସମାଧାନ କିଭଳି କରାଯାଇପାରିବ ତାହା ଉପରେ ସଦସ୍ୟମାନେ ମତ ଦେଇଥିଲେ। ଏଥିପାଇଁ ଏକ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇ କାମ ଆରମ୍ଭ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ରାସ୍ତା ମରାମତି କାମକୁ ପ୍ରାଧାନ୍ୟ ଦିଆଯିବା ଏବଂ ନୂତନ ପ୍ରକଳ୍ପ ପ୍ରସ୍ତାବଗୁଡିକୁ ଅନୁମୋଦନ କରାଯାଇ କାର୍ଯ୍ୟ ଆରମ୍ଭ ପାଇଁ ଗୃହରେ ଆଲୋଚନା ହୋଇଥିଲା। ଶିକ୍ଷା କ୍ଷେତ୍ରରେ ମୋ ସ୍କୁଲ ଯୋଜନା, ଧାନ ସଂଗ୍ରହ ନିମନ୍ତେ ଚାଷୀଙ୍କ ପଞ୍ଜୀକରଣ ଏବଂ ନିୟମାନୁଯାୟୀ ଧାନ ସଂଗ୍ରହ, ଖରିଫ ଋତୁ ପାଇଁ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ, କୃଷକମାନଙ୍କୁ ସାର ଯୋଗାଣ, ଜିଲାରେ ଚାଲୁ ରହିଥିବା ଜଳସେଚନ ପ୍ରକଳ୍ପଗୁଡିକର ସ୍ଥିତି, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ସ୍ଥିତି ଏବଂ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ଆଦି ସମ୍ପର୍କରେ ଆଲୋଚନା କରାଯାଇ ଏ କ୍ଷେତ୍ରରେ ରହିଥିବା ସମସ୍ୟାର ଦୂରୀକରଣ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ପ୍ରଶାସନିକ ଅଧିକାରୀମାନଙ୍କୁ କୁହାଯାଇଥିଲା। ବୈଠକରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭୋଗରାଇ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଅନନ୍ତ ଦାସ, ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ପରିଷଦ ଉପସଭାପତି ଗୌରାଙ୍ଗ ଚନ୍ଦ୍ର ପାଢ଼ୀ, ଭଦ୍ରକ ଏମ୍ପିଙ୍କ ପ୍ରତିନିଧି ଅଶ୍ୱିନୀ ମହାପାତ୍ର, ସୋର ବିଧାୟକଙ୍କ ପ୍ରତିନିଧି ଅଜୟ କୁମାର ପଣ୍ଡା, ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଆଇଏଏସ୍ ପ୍ରୋବେସନର କୁନାଲ ଚୌହାନଙ୍କ ସମେତ ଜିଲା ପରିଷଦ ସଭ୍ୟା/ସଭ୍ୟ, ବ୍ଲକ ଅଧକ୍ଷା/ଅଧକ୍ଷ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

# ବାଘଆମ୍ପୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

## ୬୫୫ ଲିଟର ମଦ ଜବତ

ସୋର,୩।୧୦(ଡି.ଏନ.ଏ.)

ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ବାଘଆମ୍ପୁଡ଼ା ଜଙ୍ଗଲରେ ଅବକାରୀ ବିଭାଗ ଚଢ଼ାଉ କରି ୧୦ ହଜାର ଲିଟର ପୋଚ ନଷ୍ଟ କରିବା ସହିତ ୬୫୫ ଲିଟର ଦେଶୀ ମଦ ଜବତ କରିଛି। ମଦ ତିଆରି ସରଞ୍ଜାମ ଜବତ କରାଯାଇଛି। ନୀଳଗିରି ଅବକାରୀ ଆଇଆଇସି ନାରାୟଣ ବେହେରା, ସୋର ଅବକାରୀ ଅଧିକାରୀ ଲକ୍ଷେ ସାଧବ ପ୍ରଧାନ ଏବଂ ଖଇରା ଅଧିକାରିଣୀ କଳ୍ପନା ଜେନାଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସେହିପରି ଏହି ଟିମ୍ ମଇତାପୁର ଅଞ୍ଚଳର ଭରତ ଶିଅଳଠାରୁ ୫୦ ଲିଟର ଏବଂ ବାଲିକୋଣା ଗ୍ରାମର ନିମାଇଁ ଟୁଡୁଠାରୁ ୧୦ ଲିଟର ଦେଶୀ ମଦ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଉର୍ମିଳା ବେହେରା, ମିନତି ଜେନା, ତପନ ମଳିକ ଓ ବିଜୟ ମଳିକ ସାମିଲ ହୋଇଥିଲେ।

# ଯୁବତୀଙ୍କ ମୃତଦେହ ଜବତ

ବାରିପଦା ଅଫିସ,୩।୧୦

ମୟୂରଭଞ୍ଜ ଜିଲା ବଡସାହି ଥାନା ଅଧିନ ମାଙ୍କଡକେନ୍ଦା ଠାରେ ପ୍ରବାହିତ ହେଉଥିବା ଗଙ୍ଗାହାର ନଦୀରେ ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ବୟସ ୩୦ରୁ ଉର୍ଦ୍ଧ୍ୱ ବୋଲି ପୋଲିସ ଅନୁମାନ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୪/୨୧) ରୁଜୁ କରି ମୃତଦେହ ପିଆର୍ଏମ୍ ମେଡିକାଲରେ ସଂରକ୍ଷିତ ରଖିଛି। ପରିଚୟ ମିଳିବା ପରେ ବ୍ୟବଚ୍ଛେଦ ହେବ ବୋଲି ଜଣାପଡିଛି।

# ନଦୀ ବନ୍ଦନା, ରକ୍ତଦାନ ଶିବିର


ଏମ୍ପି ପ୍ରତାପ ଷଡ଼ଙ୍ଗୀ ନଦୀ ବନ୍ଦନା କରୁଛନ୍ତି।

ବାଲେଶ୍ୱର ଅଫିସ,୩।୧୦

ବାଲେଶ୍ୱର ଜିଲା ସଦର ବ୍ଲକ ଆଲୁମେଦା ପଞ୍ଚାୟତରେ ପ୍ରବାହିତ ଜଳକା ନଦୀର ଶାଖା ଡୁବିଡୁବି ନଦୀ ଆଲୁମେଦା ଘାଟରେ ରବିବାର ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୧ ତମ ଜନ୍ମ ଦିବସ ପାଳନ ଉପଲକ୍ଷେ ସେବା ଓ ସମର୍ପଣ ଅଭିଯାନରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସଫେଇ ଅଭିଯାନ ଏବଂ ବୈଦିକ ରୀତିରେ ପୂଜାର୍ଚ୍ଚନା ଓ ଗଙ୍ଗା ଆଳତୀ କରାଯାଇଥିଲା। ଆୟୋଜିତ ଜନସଭାରେ ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଦେଶର ପ୍ରତ୍ୟେକ ନଦୀକୁ ମା' ଗଙ୍ଗା ସମ ମଣି ଏହାର ସଂସ୍କାର ଓ ପରିଚ୍ଛନ୍ନତା ବଜାୟ ରଖିବା ପାଇଁ କହିଥିଲେ। ସେହିପରି ଉକ୍ତ ପଞ୍ଚାୟତର ନୁଣକୁଣ୍ଡିଠାରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏକ ରକ୍ତଦାନ ଶିବିରକୁ ଏମ୍ପି ଷଡ଼ଙ୍ଗୀ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, ୨୯ନଂ. ଜୋନ ଜିଲା ପରିଷଦ ସଦସ୍ୟା ସୁମତୀ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ଓ ଇଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ: ଯୁବକ ଗିରଫ

ପଦ୍ମପୁର,୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ବାଲିନଗର ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ ଉଦ୍ୟମ ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଚକ, ସମିଆଁ ଗ୍ରାମର ସେକ୍ ମୌସୁଦ୍। ଶନିବାର ଅପରାହ୍ନରେ ଘରେ ନାବାଳିକା ଏକୁଟିଆ ଥିବା ସମୟରେ ସେକ୍ ମୌସୁଦ ପହଞ୍ଚି ତାଙ୍କୁ ପିଇବା ପାଇଁ ପାଣି ମାଗିଥିଲେ। ପାଣି ପିଇ ସାରି ତାଙ୍କୁ ଅସଦାଚରଣ ଉଦ୍ୟମ କରିବାରୁ ନାବାଳିକା ପାଟି କରିଥିଲେ। ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସେକ୍ ମୌସୁଦଙ୍କୁ ଧରି ବାନ୍ଧି ପୋଲିସକୁ ଖବର ଦେଇଥିଲେ। ବାସୁଦେବପୁର ଥାନା ପୋଲିସ ପହଞ୍ଚି ତାଙ୍କୁ ଗିରଫ କରିଥିଲା। ରବିବାର ମାମଲା (ନଂ.୩୦୦/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ବିଶ୍ୱଜିତ ସିଂ ସୂଚନା ଦେଇଛନ୍ତି।

# ଜିଲାପାଳଙ୍କୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ

ବାରିପଦା ଅଫିସ,୩।୧୦

ମୟୂରଭଞ୍ଜର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ପ୍ରତିଶ୍ରୁତି' ପକ୍ଷରୁ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପୁଣ୍ୟଶ୍ଳୋକ ମହାରାଜାଙ୍କ ସ୍ମୃତିରେ ସମର୍ପିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ସ୍ମୃତି ସମ୍ମାନ-୨୦୨୧ ପ୍ରଦାନ କରାଯାଇଛି। ଏକ ନିରାଡ଼ମ୍ବର ପରିବେଶରେ ଅନୁଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନା ଓ ପ୍ରତିଷ୍ଠାତା ସମ୍ପାଦକ ତଥା ସୁସାହିତ୍ୟିକ ଭାଗବତ ପଣ୍ଡା ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ମାନବ ସେବା ହିଁ ମାଧବ ସେବାକୁ ଚରିତାର୍ଥ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିବା ଓ ୯୭ ଥର ରକ୍ତଦାନ କରିଥିବା ନୀରୋଜ କୁମାର ପୋଥାଳଙ୍କୁ ଉତ୍କଳମଣି ଗୋପବନ୍ଧୁ ସେବା ସମ୍ମାନ ପ୍ରଦାନ କରାଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଡି ଡିଆର୍‌ଡିଏ ପି.ଅନ୍ୱେଷା ରେଡ୍ଡୀ ଉପସ୍ଥିତ ଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ନକଲି ସାର ବିକ୍ରି ଅଭିଯୋଗ: ଚାଷୀଙ୍କ ହୋହଲ୍ଲା

ବାସୁଦେବପୁର,୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ସମେତ ଆଖପାଖ ଅଞ୍ଚଳରେ ଥିବା ସାର ଓ କୀଟନାଶକ ଦୋକାନରେ ନକଲି ସାର ବିକ୍ରି ହେଉଛି। ଚାଷୀମାନେ ଏହି ନକଲି ସାର କିଣି ଆର୍ଥିକ କ୍ଷତିରେ ପଡୁଥିବା ସହ ସେମାନଙ୍କ ଚାଷ ମଧ୍ୟ ନଷ୍ଟ ହେଉଛି। ସହରରେ ଥିବା ଏକ ସାର ଦୋକାନରେ ଶନିବାର ସନ୍ଧ୍ୟାରେ କେତେକ ଚାଷୀ ପହଞ୍ଚି ନକଲି ପଟାସ ସାର ବିକ୍ରି ହୋଇଥିବା ଅଭିଯୋଗ କରିଥିଲେ। ସେମାନେ ଦୋକାନ ଆଗରେ ହୋହଲ୍ଲା କରିବା ସହ ସର୍ବସାଧାରଣରେ ନକଲି ପଟାସ ସାରକୁ ଦେଖାଇଥିଲେ। ଚାଷୀମାନଙ୍କ ହୋହଲ୍ଲା ପରେ ଉକ୍ତ ଦୋକାନୀ ଦୋକାନ ବନ୍ଦ କରି ପଳାଇ ଯାଇଥିଲେ। ଦୋକାନୀମାନେ ୟୁରିଆ ଓ ପଟାସ ସାରକୁ ଚଢ଼ା ଦରରେ ବିକ୍ରି କରି ଚାଷୀଙ୍କୁ ଶୋଷଣ କରୁଥିବା ସହ ସେମାନଙ୍କ ଧାନ କ୍ଷେତକୁ ଉଜାଡ଼ି ଦେଉଛନ୍ତି। ଏଭଳି ଅଭିଯୋଗ ଆଣି ନକଲି ସାର ବିକ୍ରି କରୁଥିବା ଦୋକାନୀ ବିରୋଧରେ କୃଷି ବିଭାଗ ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ୩ ବାଲି ବୋଝେଇ ଟ୍ରାକ୍ଟର ଜବତ, ୨ ଗିରଫ

ବାରିପଦା ଅଫିସ, ୩।୧୦

ବାରିପଦା ଟାଉନ ଥାନା ଅଧୀନ ମୁର୍ଗାବାଡି ଦେଇ ବେଆଇନ ଭାବେ ଚାଲାଣ ହେଉଥିବା ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ପୋଲିସ ଜବତ କରିବାସହ ପରମିଟ ଓ ଆବଶ୍ୟକ କାଗଜପତ୍ର ନ ଥିବାରୁ ଦୁଇ ଡ୍ରାଇଭରଙ୍କୁ ଗିରଫ କରିଛି। ପୋଲିସ ଉକ୍ତ ଗାଡି ଗୁଡିକ ଜବତ କରି ମାମଲା (ନଂ.୮୫୧/୨୧) ରୁଜୁ କରିଛି। ସହର ଉପକଣ୍ଠ ଦେଇ ଜାତୀୟ ରାଜପଥରେ ଟ୍ରାକ୍ଟରଗୁଡିକ ବାଲି ବୋଝେଇ କରି ଖୁଲମଖୁଲା ବିକ୍ରି କରୁଛନ୍ତି। ଜିଲାରେ ଲଘୁ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ରୋକା ନ ଗଲେ ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଉଛି।

# ବନ୍ଧାହେଲେ କୋଇଲା ବୋଝେଇ ଟ୍ରାକ୍ଟର ମାଲିକ

ଭଣ୍ଡାରିପୋଖରୀ,୩।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଞ୍ଚଳରେ ରବିବାର ବେଆଇନ ଭାବେ କୋଇଲା ପରିବହନ କରୁଥିବା ଏକ ଟ୍ରାକ୍ଟରକୁ ପୋଲିସ ଝୁଟୁଣା ନିକଟରୁ ଜବତ କରିଛି। ସକାଳେ ଟ୍ରାକ୍ଟରଟି କୋଇଲା ନେଇ ଯାଉଥିବା ବେଳେ ମଞ୍ଜୁରୀରୋଡ଼ ଫାଣ୍ଡି ଅଧିକାରୀ ବୈରାଗୀ ଚରଣ ଏକ୍କା ଚଢ଼ାଉ କରି ଜବତ କରିଥିଲେ। ଏଥିରେ ପ୍ରାୟ ୪୬ କୁଇଣ୍ଟାଲ କୋଇଲା ଥିଲା। ଏନେଇ ଭଣ୍ଡାରିପୋଖରୀ ଥାନାରେ ମାମଲା (ନଂ. ୩୦୦/୨୦୨୧) ରୁଜୁ ହୋଇଛି। ଟ୍ରାକ୍ଟର ମାଲିକ ସତ୍ୟସୁନ୍ଦର ବାରିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ କହିଛନ୍ତି।

# ଯୁବ ରେଡକ୍ରସ ଶିକ୍ଷା, ପ୍ରଶିକ୍ଷଣ ଶିବିର

ଭଣ୍ଡାରିପୋଖରୀ, ୩।୧୦(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ କଲେଜରେ ଚାଲିଥିବା ତ୍ରିଦିବସୀୟ କ୍ଲଷ୍ଟର ସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଶୈଳବାଳା ଦାସ, ଧାମରା କଲେଜ ଅଧ୍ୟାପକ ଲକ୍ଷ୍ମୀଧର ବେହେରା ପ୍ରାଥମିକ ସହାୟତା ଉପରେ ଶିବିରାର୍ଥୀଙ୍କୁ ଶିକ୍ଷା ପ୍ରଦାନ କରିବା ସହ ବିଭିନ୍ନ କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଥାନାଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ସଡ଼କ ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ। ଭଣ୍ଡାରିପୋଖରୀ ଅଗ୍ନିଶମ ଅଧିକାରୀ ରମାକାନ୍ତ ମଳିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଅବଗତ କରି କର୍ମଚାରୀମାନଙ୍କ ଦ୍ୱାରା ନିଆଁ ଲିଭା କୌଶଳ ଓ ଉଦ୍ଧାର କାର୍ଯ୍ୟ କୌଶଳ ନେଇ ତାଲିମ ଦେଇଥିଲେ। ଅଧକ୍ଷ ଭରତ ଚନ୍ଦ୍ର କରଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ଅଧ୍ୟାପକ ବନମାଳି ପଣ୍ଡା, ରୀତାଞ୍ଜଳି ପ୍ରାମାଣିକ ଓ ଆନନ୍ଦ ଚନ୍ଦ୍ର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯୁବ ରେଡକ୍ରସ ଅଧିକାରୀ ହରିହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୱାନ୍‌ଷ୍ଟପ ସେଣ୍ଟର ପ୍ରତିଷ୍ଠା ଉତ୍ସବ

ଭଦ୍ରକ ଅଫିସ,୩।୧୦

ଭଦ୍ରକର ଫେଲୋସିପ୍ ସଙ୍ଗଠନ ଦ୍ୱାରା ପରିଚାଳିତ ସଖୀ ୱାନ୍‌ଷ୍ଟପ୍ ସେଣ୍ଟରର ୩ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଡାଲ୍‌ସା ସେକ୍ରେଟାରୀ ସମାପିକା ମହାନ୍ତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମଚରଣ ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନ ରାୟ, ଫେଲୋସିପ୍ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ସେଣ୍ଟର ଆଡମିନିଷ୍ଟ୍ରେଟର ପୁଷ୍ପାଞ୍ଜଳି ବେହେରା, ରାଧାରାଣୀ ମହାପାତ୍ର, ବିଧିବକ୍ତା ଅମର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ସମାଜରେ ମହିଳାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଘରୋଇ ହିଂସା, ନିର୍ଯାତନା, କିଶୋରୀ, ବାଳିକା, ନାବାଳିକାଙ୍କ ପ୍ରତି ନିର୍ଯାତନାର କିପରି ସମାଧାନ କରାଯାଇପାରିବ ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

# ସ୍ୱତନ୍ତ୍ର ଗ୍ରାମସଭା

ଚମ୍ପୁଆ, ୩।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜିତ ହୋଇଯାଇଛି। ଏହି ଗ୍ରାମସଭାରେ ବିଭିନ୍ନ ବିଭାଗିୟ ଅଧିକାରୀ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ରଜିଆ ଠାରେ ଆୟୋଜିତ ଗ୍ରାମ ସଭାରେ ଚମ୍ପୁଆ ରେଞ୍ଜର ସଞ୍ଜୀବ କୁମାର ରାଉତ, ଫରେଷ୍ଟର ପିଅନ ନାଏକ, ସରପଞ୍ଚ ଜୟକିଶୋରି ନଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଗ୍ରାମସଭାରେ ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଆଲୋଚନା କରାଯାଇଥିଲା।

# 'ଓଡ଼ିଆ ଭାଷାର ସୁରକ୍ଷା ଲାଗି ସଙ୍କଳ୍ପ'

ବାରିପଦା ଅଫିସ,୩।୧୦

ଝାଡଖଣ୍ଡ ରାଜ୍ୟରେ ଓଡିଆ ଭାଷାର ସୁରକ୍ଷା ନିମନ୍ତେ ମୟୂରଭଞ୍ଜ ସାହିତ୍ୟ ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡା.କୈଳାସ ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଭାବେ ଓଡିଆ ଜାଗରଣ ମଞ୍ଚର ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକା ବିଜୟଲକ୍ଷ୍ମୀ ମହାନ୍ତି ଯୋଗଦେଇ ଓଡିଆ ଭାଷାର ସୁରକ୍ଷା ପାଇଁ ସଙ୍କଳ୍ପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରିଷଦର ସମ୍ପାଦକ ମନୋଜ ଦଳ ବେହେରାଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ କମଳାକାନ୍ତ ପ୍ରହରାଜ,ଅଭିତାଭ ମିଶ୍ର, ନୀରୋଜ ଲୋଚନ ପଣ୍ଡା, ପଣ୍ଡିତ ଭାଗବତ ପଣ୍ଡା, ଡ.ବିଚିତ୍ର ନାଥ ସାହୁ ଓ ଅଜୟ ପାଳ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି।

# ବକେୟା ପ୍ରାପ୍ୟ ପାଇଁ ଡିଏଫ୍‌ଓଙ୍କୁ ଦାବିପତ୍ର

କେନ୍ଦୁଝର, ୩।୧୦ (ସ୍ୱ.ପ୍ର.)


ଦାବିପତ୍ର ଦେବାକୁ ଆସିଥିବା କେନ୍ଦୁପତ୍ର ସର୍କଲ ଚେକରମାନେ

କେନ୍ଦୁଝର ଜିଲାର କେନ୍ଦୁପତ୍ର ବନଖଣ୍ଡରେ ୨୦୨୦ ଆର୍ଥିକ ବର୍ଷରେ ସର୍କଲ ଚେକରମାନେ ୧ ମାସ ୧୨ ଦିନର ବକେୟା ପ୍ରାପ୍ୟ ପାଇ ନ ଥିବାରୁ ଏ ନେଇ କେନ୍ଦୁଝର ଠାରେ ଥିବା କେନ୍ଦୁପତ୍ର ଡିଏଫଓଙ୍କ ଦାବିପତ୍ର ଦେଇଛନ୍ତି। କେନ୍ଦୁପତ୍ର ବନଖଣ୍ଡ ଅଧୀନ ତେଲକୋଇ ରେଞ୍ଜ, ଆକୁଳ ରେଞ୍ଜ, ମହାବିରୁଡି ରେଞ୍ଜ, କାମାକ୍ଷାନଗର ରେଞ୍ଜ, ବାଙ୍ଗିରିପଶି ରେଞ୍ଜ, ପର୍ଜଙ୍ଗ ରେଞ୍ଜ ଏବଂ ସଦର ରେଞ୍ଜ ଅଧୀନରେ କାର୍ଯ୍ୟ କରୁଥିବା ସର୍କଲ ଚେକର ମାନେ ୨୦୨୦ ମାର୍ଚ୍ଚ ୧୩ ତାରିଖରେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ଯୋଗଦେଇଥିଲେ। ନିୟମ ଅନୁସାରେ ସାମୟିକ କର୍ମଚାରୀ ଦୃଷ୍ଟିରୁ ସେମାନଙ୍କର କାର୍ଯ୍ୟକାଳ ଗୋଟିଏ ଉତ୍ପାଦନ ବର୍ଷରେ ୮ ମାସ କାର୍ଯ୍ୟ କରିବେ। ସମସ୍ତ ସର୍କଲ ଚେକର ସରକାରୀ ନିୟମ ମୁତାବକ ୮ ମାସ କାର୍ଯ୍ୟ କରିଥିବା ସ୍ଥଳେ ସେମାନଙ୍କୁ ତାଙ୍କୁ ୬ମାସ ୧୮ ଦିନର କାର୍ଯ୍ୟ ବାବଦକୁ ପ୍ରାପ୍ୟ ପ୍ରଦାନ କରାଯାଇଛି। ଅବଶିଷ୍ଟ ୧ ମାସ ୧୨ ଦିନର କାର୍ଯ୍ୟ ବାବଦକୁ ବର୍ତ୍ତମାନ ସୁଦ୍ଧା ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯାଇନାହିଁ। ଦାବିପତ୍ର ପ୍ରଦାନ ସମୟରେ ତେଲକୋଇ ରେଞ୍ଜର ସାଧାରଣ ସମ୍ପାଦକ ସର୍କଲ ଚେକର ବାବାଜି ଚରଣ ଦେହୁରୀ, ଆକୁଳ ରେଞ୍ଜର ସାଧାରଣ ସମ୍ପାଦକ ସର୍କଲ ଚେକର ପ୍ରହଲ୍ଲାଦ ପରିଡା, ସର୍କଲ ଚେକର ରବିନାରାୟଣ ମହାନ୍ତ, ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

